## ସଂକ୍ଷେପରେ

### ଅନ୍ତର୍ଜାତୀୟ କବି ସମ୍ମିଳନୀରେ ଜୟପୁର କବୟିତ୍ରୀ ସମ୍ମାନିତ




ଜୟପୁର,୨୨।୯(ଡି.ଏନ୍.ଏ.):ଜୟପୁର ସହରର କବୟିତ୍ରୀ ସୋଭାଗିନୀ ନନ୍ଦ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ସହରରେ ଅନୁଷ୍ଠିତ ଅନ୍ତର୍ଜାତୀୟ କବି ସମ୍ମିଳନୀରେ ସମ୍ମାନିତ ହୋଇଛନ୍ତି। ଗତ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାଙ୍କର ଇଂରାଜି କବିତା 'ହେଲଦି ଏନଭର୍ନମେଣ୍ଟ' କବିତା ପୁସ୍ତକ 'ଦ ଭେସ'ର ଦ୍ୱାଦଶ ସଂଖ୍ୟାରେ ପ୍ରକାଶିତ ହୋଇଛି। ଏହି କବିତା ପାଇଁ ଗୁଣ୍ଟୁରସ୍ଥିତ ଜେକେସି ମହାବିଦ୍ୟାଳୟର ଇଂରାଜି ବିଭାଗ ମୁଖ୍ୟ ପି. ଗୋପୀଚାନ୍ଦ ଏବଂ ପି. ନାଗସୁଶିଳା ତାଙ୍କୁ ଉପଢୌକନ ଓ ଶିରୋପା ପିନ୍ଧାଇ ସମ୍ମାନିତ କରିଥିଲେ। ତାଙ୍କ କବିତା ବିଭାଗର ପାଠ୍ୟକ୍ରମରେ ସାମିଲ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। କବୟିତ୍ରୀ ନନ୍ଦ ପୂର୍ବରୁ ରାଜ୍ୟ ଓ ଅନ୍ତର୍ଜାତୀୟ ସ୍ତରରେ କବିତା, ଗଳ୍ପ ପାଇଁ ପଲ୍ଲୀଜ୍ୟୋତି ସମ୍ମାନରେ ସମ୍ବର୍ଦ୍ଧିତ ହୋଇଥିଲେ।

### ଦରମା ପ୍ରତିଶ୍ରୁତି ପରେ ହଟିଲା ଧାରଣା

କୋରାପୁଟ,୨୨।୯(ସ୍ୱ.ପ୍ର.): କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ନିୟୋଜିତ ସୁରକ୍ଷାକର୍ମୀ, ଝାଡୁଦାର ଓ ସହାୟକମାନେ ୫ ମାସର ବକେୟା ଦରମା ଦାବିକରି ଧାରଣା ଦେଇଥିଲେ। କୋରାପୁଟ ବିଧାୟକ ରଘୁରାମ ପଡାଲଙ୍କ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ରବିବାର ସମସ୍ତ ସୁରକ୍ଷାକର୍ମୀ, ଝାଡୁଦାର ଓ ସହାୟିକା କାର୍ଯ୍ୟରେ ଯୋଗ ଦେଇଛନ୍ତି। ଶନିବାର ରାତି ୧୧ଟାରେ ବିଧାୟକ ଧାରଣାସ୍ଥଳରେ ପହଞ୍ଚି ହସ୍‌ପିଟାଲ ଅଧୀକ୍ଷକ ଡାକ୍ତର ହରେକୃଷ୍ଣ ଦଳେଇ, ମେଡିକାଲ ପ୍ରଶାସିକା ମଧୁମିତା ନାୟକ, ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀଙ୍କ ସହ ଆଲୋଚନା କରିଥିଲେ। ବକେୟା ଦରମା ଦେବା ପରେ ଆଲୋଚନା କରିବା ପାଇଁ ଆନ୍ଦୋଳନକାରୀ ସ୍ପଷ୍ଟ କହିବା ପରେ ବିଧାୟକ ପଡାଲ ଆଉଟସୋର୍ସିଂର ଅଭିରାମଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ୩୦ ତାରିଖ ଭିତରେ ୨ ମାସର ଦରମା ଓ ଦଶହରା ପୂର୍ବରୁ ବାକି ଦରମା ଦିଆଯିବା ପାଇଁ ଅଭିରାମ ଦେଇଥିବା ସୂଚନାକୁ ବିଧାୟକ ଜଣାଇବା ପରେ ଆନ୍ଦୋଳନ ହଟିଥିଲା। ପ୍ରତିଶ୍ରୁତି ପ୍ରକାରେ ଦରମା ନ ମିଳିଲେ, ଛୁଟି ପରେ ପୁନର୍ବାର ଆନ୍ଦୋଳନ ହେବ ବୋଲି କର୍ମଚାରୀ କହିଛନ୍ତି।

### ପ୍ଲାଷ୍ଟିକ ମୁକ୍ତ ଗ୍ରାମ ପାଇଁ ଶପଥ

ଫାମ୍ପୁଣି/ଜୟପୁର,୨୧।୯(ଡି.ଏନ୍.ଏ.): ଜୟପୁର ବ୍ଲକର ଫାମ୍ପୁଣି ଗ୍ରାମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଅବସରରେ ପାଳନ କରାଯାଉଥିବା ସେବା ସପ୍ତାହର ଅନ୍ତିମ ଦିବସ ଶୁକ୍ରବାରରେ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାଜପାର ବରିଷ୍ଠ ନେତା ଗୌତମ ସାମନ୍ତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫାମ୍ପୁଣି ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରାଯିବା ସହ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଏକକ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କରିବା ପାଇଁ ସଚେତନତା ସହ ପ୍ଲାଷ୍ଟିକ ମୁକ୍ତ ଗ୍ରାମ ପାଇଁ ଶପଥ ପାଠ ନିଆଯାଇଥିଲା।

# ଷୋଡ଼ଶ ଉପଚାର ଆରମ୍ଭ, ଆଜ୍ଞାମାଳ ନେଲେ ବିଧାୟକ

ଜୟପୁର,୨୨।୯(ନି.ପ୍ର./ଡି.ଏନ୍.ଏ.)

ଜୟପୁରର ଐତିହାସିକ ଦଶହରା ପାଇଁ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ମନ୍ଦିରରେ ରବିବାରଠାରୁ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ମା'ଙ୍କ ପୂଜକ ବିରେନ୍ଦ୍ର ରଥଙ୍କ ପୂଜାର୍ଚ୍ଚନା ପରେ ଦଶହରା ମହୋତ୍ସବ ପାଇଁ ଆଜ୍ଞାମାଳ ଗ୍ରହଣ କରିଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ତାଙ୍କ ସ୍ତ୍ରୀ ମିନାକ୍ଷୀ ବାହିନୀପତି। ସେହିପରି ମା' ଦକ୍ଷିଣ କାଳିକା ମନ୍ଦିରରେ ମଧ୍ୟ ଷୋଡ଼ଶ ପୂଜା ଆରମ୍ଭ କରାଯାଇଛି।

ମୂଳାଷ୍ଟମୀ ଅବସରରେ ମା' ଭଗବତୀଙ୍କ ପୀଠରୁ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଦେବୀପୀଠକୁ ଦଶହରାରେ ଯୋଗଦେବା ପାଇଁ ନିମନ୍ତ୍ରଣ ଯିବା ଆରମ୍ଭ ହୋଇଛି। ଏହି ଅବସରରେ ଶନିବାର ଭଗବତୀ ମନ୍ଦିରରେ ସହସ୍ର କୁମ୍ଭାଭିଷେକ କରାଯାଇଥିଲା। ଏକ ହଜାର ୮ ରୁପାଢାଳର ସୁବାସିତ ଜଳରେ ମା'ଙ୍କୁ ସ୍ନାନ କରାଯାଇଥିଲା। ପୁରୋହିତ କୃଷ୍ଣଚନ୍ଦ୍ର ଦାଶ, କାଳୀପ୍ରସାଦ ଦାଶ, ପୁରୁଷୋତ୍ତମ ନନ୍ଦ, ମାଲୁ ତ୍ରିପାଠୀ, ପତ୍ରି ସିଦ୍ଧେଶ୍ୱର ଦାଶ ମନ୍ତ୍ର ଉଚ୍ଚାରଣ କରି ବିଧାୟକ ଓ ତାଙ୍କ ସ୍ତ୍ରୀଙ୍କୁ ଆଜ୍ଞାମାଳ ଦେବା ପରେ ନିମନ୍ତ୍ରଣ ଦାୟିତ୍ୱ ଦେବୋତ୍ତର ଅଧିକାରୀ ତଥା ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା। ଆସନ୍ତା ଗୁରୁବାରଠାରୁ ଅବିଭକ୍ତ କୋରାପୁଟ ଜିଲାର ୮୦ରୁ ଊର୍ଦ୍ଧ୍ୱ ଦେବୀପୀଠ ଏବଂ ସେବାୟତଙ୍କୁ ଦଶହରା ପର୍ବରେ ଯୋଗଦେବା ପାଇଁ ନିମନ୍ତ୍ରଣ ପଠାଯିବ। ସେହିପରି ମାନସିକଧାରୀ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିବା ସହିତ ପୂଜା ଆରମ୍ଭ କରିଛନ୍ତି। ଏହି ଅଖଣ୍ଡ ଦୀପ ଆସନ୍ତା ଅଷ୍ଟମୀ ତିଥି ପର୍ଯ୍ୟନ୍ତ ରହିବ। ସେହିପରି ରାତ୍ରିକାଳୀନ ଅନ୍ନଭୋଗ ପରେ ମହାଯଜ୍ଞ ଅନୁଷ୍ଠିତ ହେବ। ୨୯ରୁ ମା' ଭଗବତୀ ବିଜୟା


ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ତାଙ୍କ ସ୍ତ୍ରୀଙ୍କୁ ଆଜ୍ଞାମାଳ ପ୍ରଦାନ କରାଯାଉଛି।


ମା' ଭଗବତୀଙ୍କ ପୂଜାର୍ଚ୍ଚନା ଚାଲିଛି।

#### ଜୟପୁରର ଐତିହାସିକ ଦଶହରା

ଭ୍ରମଣରେ ବାହାରିବେ। ୪ ତାରିଖ ଶୁକ୍ରବାର ସପ୍ତମୀ ପୂଜା, ୫ ତାରିଖ ଶନିବାର ମହାଷ୍ଟମୀ, ୬ ତାରିଖ ରବିବାର ମହାନବମୀ, ୭ ତାରିଖ ସୋମବାର ବିଜୟା ଦଶମୀ ହେବ। ୩ ତାରିଖ ଷଷ୍ଠୀରେ ଦକ୍ଷିଣକାଳି ଓ ୬ ତାରିଖ ନବମୀରେ ଭଗବତୀଙ୍କ ସୁନାବେଶ ହେବ। ରାଜାରାଜୁଡ଼ା ଅମଳରୁ ଅଧିଷ୍ଠାତ୍ରୀ ମା' ଭଗବତୀ ଓ ଦକ୍ଷିଣକାଳିକା ମନ୍ଦିରରେ ୧୬ ଦିନ ବ୍ୟାପୀ ଷୋଡ଼ଶ ପୂଜା କରାଯାଏ। ଦଶହରା ଦିନ ଦଶହରା ପଡ଼ିଆରେ ଅପରାଜିତା ପୂଜା ପରେ ଦଶହରା ସମାପ୍ତ ହୁଏ। ପୂର୍ବରୁ ଜୟପୁର ଦଶହରାକୁ ମହୀଶୁର ଦଶହରା ସହ ତୁଳନା କରାଯାଉଥିଲା।

# ମଦ ପ୍ରସ୍ତୁତି, ବିକ୍ରି ବନ୍ଦ ପାଇଁ ସଚେତନତା



ସିୱା ଅନୁଷ୍ଠାନ ପକ୍ଷରୁ ମଦମୁକ୍ତି ଅଭିଯାନ ପାଇଁ ସଚେତନତା କାର୍ଯ୍ୟକ୍ରମ।

ଜୟପୁର,୨୨।୯(ଡି.ଏନ୍.ଏ.)

ସ୍ଥାନୀୟ ସଦରଥାନାର ଗଡ଼ପଦର ପଞ୍ଚାୟତ କଳାଗୁଡ଼ାରେ ବ୍ୟାପକ ଦେଶୀମଦ ପ୍ରସ୍ତୁତ ହେବା ସହ ବିକ୍ରି ଚାଲିଛି। ବିଭିନ୍ନ ସମୟରେ ଜିଲା ପୋଲିସ ଏବଂ ଅବକାରୀ ବିଭାଗ ଚଢ଼ାଉ କରୁଥିଲେ ମଧ୍ୟ ଏହାକୁ ବନ୍ଦ କରିବାରେ ସଫଳ ହୋଇପାରୁ ନାହିଁ। ପୂର୍ବରୁ ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉ ବେଳେ ଗ୍ରାମବାସୀଙ୍କ ଆକ୍ରମଣର ଶୀକାର ହେବା ସହ ଅପଦସ୍ତ ହୋଇଛି। ତେଣୁ ଶେଷରେ ଲୋକଙ୍କୁ ସଚେତନ କରିବା ପାଇଁ ମଦମୁକ୍ତି ଅଭିଯାନ ଆରମ୍ଭ କରାଯାଇଛି। ଜୟପୁରସ୍ଥିତ ସିୱା ଯୁବ ସଙ୍ଗଠନ ସହାୟତାରେ ସଭାପତି ଅଜୟ ମିଶ୍ରଙ୍କ ନେତୃତ୍ୱରେ ରବିବାର ସେଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ମହିଳା, ବୟସ୍କଙ୍କ ସହ ଆଲୋଚନା କରାଯିବା ସହ ଯୁବକଙ୍କୁ ନେଇ ନିଶାମୁକ୍ତ ଆଦର୍ଶ ଗ୍ରାମ ଗଠନ ପାଇଁ ପ୍ରଚାର କରାଯାଇଥିଲା।

### ପୁଷ୍ଟିକର ଖାଦ୍ୟ, ପନିପରିବା ପ୍ରଦର୍ଶନୀ

କୋରାପୁଟ,୨୨।୯(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଜାତୀୟ ପୁଷ୍ଟି ମାସ ୨୦୧୯ ପାଳିତ ହେଉଥିବାବେଳେ ଏହି ଅବସରରେ ସ୍ଥାନୀୟ ଦକ୍ଷତା ବୃଦ୍ଧି କେନ୍ଦ୍ରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଏକ ପୁଷ୍ଟିସାର ଖାଦ୍ୟ ଓ ପନିପରିବା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ଜିଲାରେ ଶିଶୁଙ୍କ ମଧ୍ୟର ପୁଷ୍ଟିହୀନତା ଦୂର କରିବା ପାଇଁ ଏହି ପୁଷ୍ଟିସାର ଖାଦ୍ୟ ଓ ପନିପରିବା ଦେବାକୁ ଉପସ୍ଥିତ ଅଙ୍ଗନୱାଡ଼ି କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଏହି ପ୍ରଦର୍ଶନୀରେ ଜିଲାର ବିଭିନ୍ନ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ପକ୍ଷରୁ ମାଣ୍ଡିଆ ଲଡୁ, ରାଶି ଲଡୁ, ବାଦାମ ଲଡୁ, ବୁଟ ଲଡୁ ସମେତ ବହୁ ପୁଷ୍ଟିସାର ଖାଦ୍ୟ ସାମଗ୍ରୀ ଓ ଅମୃତଭଣ୍ଡା, ସଜନା ଶାଗ, ପାଳଙ୍ଗ ଶାଗ, ଗାଜର ଆଦି ବିଭିନ୍ନ ପରିପରିବା ପ୍ରଦର୍ଶିତ ହୋଇଥିଲା।

■ ସେକ୍ସ ର୍ୟାକେଟ ଠାବ

# ଧରାପଡ଼ିଲେ ୩ ଯୁବକ, ୨ ଯୁବତୀ

ରାୟଗଡ଼ା ଅଫିସ,୨୨।୯

ସ୍ଥାନୀୟ ଏଫସିଆଇ ଛକ ନିକଟରେ ଥିବା ଏକ ୨ ମହଲା ଘରୁ ରବିବାର ପୋଲିସ ସେକ୍ସ ର୍ୟାକେଟ୍ ଠାବ କରିଛି। ଏଠାରୁ ଅସଂଯତ ଅବସ୍ଥାରେ ଥିବା ୩ ଯୁବକ ଓ ୨ ଯୁବତୀଙ୍କୁ ଗିରଫ କରିଛି। ଗିରଫ ୩ ଯୁବକ ହେଲେ ଚନ୍ଦନ କୁମାର ଚୌଧୁରୀ, ସୋନୁ ମଲିକ ଓ ବିକ୍କୁ କୁମାର ତାଣ୍ଡି। ଉକ୍ତ ୨ ଯୁବତୀ ଖୋର୍ଦ୍ଧା ଜିଲାର ବୋଲି ଜଣାଯାଇଛି। ସେମାନଙ୍କୁ କାଉନସେଲିଂ ପରେ ସ୍ୱଧାର ଗୃହକୁ ପଠାଇ ଦିଆଯାଇଛି। କିଛି ଦିନ ହେବ ଉକ୍ତ ଘରେ ସେକ୍ସ ର୍ୟାକେଟ ଚାଲିଥିବା ନେଇ ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ରବିବାର ପୋଲିସ ଉକ୍ତ ଘରେ ଅତର୍କିତ ଚଢାଉ କରି ୫ ଜଣଙ୍କୁ ଗିରଫ କରିଥିବା ଏସଡିପିଓ ତପନ ନାରାୟଣ ରଥ ସୂଚନା ଦେଇଛନ୍ତି।



# ଗାନ୍ଧୀ ଜୟନ୍ତୀରୁ ବର୍ଷବ୍ୟାପୀ ସ୍ୱଚ୍ଛତା ଅଭିଯାନ


ବୈଠକରେ ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା।

କୁନ୍ଦୁରା,୨୨।୯(ଡି.ଏନ୍.ଏ.)

କୁନ୍ଦୁରା ସ୍ଥିତ ଶ୍ରୀଅରୋବିନ୍ଦ ଶିକ୍ଷା ନିକେତନରେ ବ୍ଲକ ସଚେତନ ନାଗରିକ ମଞ୍ଚ ପକ୍ଷରୁ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଇଁ ରବିବାର ପ୍ରସ୍ତୁତି ବୈଠକ ବସିଛି। ଅକ୍ଟୋବର ୨ରୁ ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀରୁ ବର୍ଷ ବ୍ୟାପୀ ସ୍ୱଚ୍ଛତା ଅଭିଯାନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଗାନ୍ଧୀ ଜୟନ୍ତୀ ଭିତରେ ସବୁ ଗ୍ରାମରେ ଯେମିତି ସ୍ୱଚ୍ଛତା ଅଭିଯାନ ବ୍ୟାନର, ପୋଷ୍ଟର ଲାଗିବ, ସେହି ଦାୟିତ୍ୱ ଯୁବଗୋଷ୍ଠୀକୁ ଦିଆଯିବା ପାଇଁ ବିଜୟ ଭଟ୍ଟ କହିଥିଲେ। 'ସବୁଜ କୁନ୍ଦୁରା ସୁନ୍ଦର କୁନ୍ଦୁରା' କରିବାକୁ ହେଲେ ପଲିଥିନମୁକ୍ତ ଅଞ୍ଚଳ କରିବା ପାଇଁ ବୃନ୍ଦାବନ ପାତ୍ର କହିଥିଲେ। ପୋଖରୀରେ ମୂର୍ତ୍ତି ଭସାଣି କରି ପ୍ରଦୂଷିତ ନ କରିବା ପାଇଁ ତ୍ରିନାଥ ହରିଜନ କହିଥିଲେ। ବର୍ତ୍ତମାନ ପରିସ୍ଥିତିରେ ପଲିଥିନ୍ ସବୁଠାରୁ ଅଧିକ ଅଞ୍ଚଳକୁ ପ୍ରଦୂଷିତ କରୁଥିବା ବେଳେ ଅଞ୍ଚଳବାସୀ ସ୍ୱତଃପ୍ରବୃତ୍ତ ଭାବେ ପଲିଥିନ ବ୍ୟବହାର ବନ୍ଦ କରିବା ପାଇଁ ଶପଥ ନେବାକୁ ପଡ଼ିବ ବୋଲି ରାମକୃଷ୍ଣ ସାବତ କହିଥିଲେ। କୁନ୍ଦୁରା ସରପଞ୍ଚ କହିଛନ୍ତି, ପଞ୍ଚାୟତ ପକ୍ଷରୁ ବିଭିନ୍ନ ଛକ, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟରେ ଡଷ୍ଟବିନ ରଖାଯିବ। ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ବିଭିନ୍ନ ସମୟରେ ଟିକସ ଆଦାୟ କରାଯାଉଥିଲେ ମଧ୍ୟ ସ୍ୱଚ୍ଛତା ନ ଆସିବା ଦୁର୍ଭାଗ୍ୟଜନକ ବୋଲି ସମସ୍ତେ କହିଥିଲେ।

■ କଦମଗୁଡ଼ା ଡକାୟତି ମାମଲାର ପର୍ଦ୍ଦାଫାସ

# ୪ ଅଭିଯୁକ୍ତଙ୍କ ସହ ସୁନା ବେପାରୀ ଗିରଫ

ବୈପାରୀଗୁଡ଼ା,୨୨।୯(ଡି.ଏନ୍.ଏ.)

ବୈପାରୀଗୁଡା ଥାନା କଦମଗୁଡା ଗ୍ରାମରେ ଗତ ୧୯ ତାରିଖ ରାତିରେ ହୋଇଥିବା ଡକାୟତି ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ଏହି ଘଟଣାରେ ସଂପୃକ୍ତ ୪ ମୁଖ୍ୟ ଅଭିଯୁକ୍ତଙ୍କ ସହ ଜଣେ ସୁନା ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିବା ପରେ ରବିବାର କୋର୍ଟ ଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତମାନେ ହେଲେ ବୈପାରୀଗୁଡା ଥାନା ପ୍ରଧାନିପୁଟ ଗ୍ରାମର ବୁଦ୍ରା ପରଜା (୨୫), ଦିଗାପୁର ଗ୍ରାମର ସୋମନାଥ ଅଡାରୀ (୨୨), ରାମଗିରି ଫାଣ୍ଡି ବଡ଼ପଡ଼ା ଗ୍ରାମର ସୁରେନ୍ଦ୍ର ପାଙ୍ଗି ଓ ଦୁର୍ଯ୍ୟୋଧନ ମାଠପଡିଆ (୨୫)। ସେମାନଙ୍କଠାରୁ ସୁନା କିଣିଥିବା ବ୍ୟବସାୟୀ ଜଣକ ହେଲେ ଲକୁଜ ସୁରି କୁମାର (୨୮)। ତାଙ୍କ ଘର ଜୟପୁର ପ୍ରସାଦ ରାଓପେଟା ଟାଉନ୍ ଥାନା। ପୋଲିସ୍ ସେମାନଙ୍କଠାରୁ ନଗଦ ୧୨,୫୦୦ ଟଙ୍କା, ୧୭.୭ ମିଲିଗ୍ରାମ୍ ଆଉଟା ସୁନା, ବାଇକ୍ ଓ ୩ଟି ମୋବାଇଲ୍ ଜବତ କରିଛି।

ପ୍ରକାଶ ଯେ, ଗତ ୧୯ ତାରିଖ ରାତି ୮ଟା ବେଳେ କଦମଗୁଡ଼ା ଗ୍ରାମର ଦମନ ପାଢ଼ୀଙ୍କ ମା' ସପନା ପାଢ଼ୀ ବାହାରେ ବାସନ ମାଜୁଥିବାବେଳେ ୪ ଜଣ ଦୁର୍ବୃତ୍ତ ତାଙ୍କଠାରୁ ସୁନା ଅଳଙ୍କାର ଲୁଟି ନେଇଥିଲେ। ପରେ ଘରେ ପଶି ସୁନା ଅଳଙ୍କାର, ନଗଦ ୭ ହଜାର ଟଙ୍କା, ମୋବାଇଲ୍ ଚୋରି କରି ନେଇଥିଲେ। ପ୍ରାୟ ୨ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଥିବା ଦମନ ସେହିଦିନ ଥାନାରେ ଏତଲା ଦେଇଥିଲେ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବୁଦ୍ରାଙ୍କ ଶ୍ୱଶୁର ଘର କଦମଗୁଡ଼ା ହୋଇଥିବା ବେଳେ ତାଙ୍କ ହାବଭାବ ଉପରେ ସନ୍ଦେହ କରି ଥାନାକୁ ଅଣାଯାଇଥିଲା। କିନ୍ତୁ ସେ କିଛି ମାନି ନଥିଲେ। ସେଠାରେ ତାଙ୍କ ଫୋନକୁ ଅନ୍ୟ ଜଣେ ଅଭିଯୁକ୍ତ ଶଙ୍କର ଅଡାରିଙ୍କ ଫୋନ୍ ଆସିଥିଲା। ଶଙ୍କରଙ୍କୁ ଥାନାକୁ ଅଣାଯିବା ପରେ ସେ ସବୁ କିଛି ମାନିଯାଇଥିଲେ। ସେମାନେ ଲୁଟ୍ ସୁନା ଅଳଙ୍କାର ଜୟପୁର ଟାଉନ୍‌ର ସୁନା ବ୍ୟବସାୟୀ ଲାକୁଜ ସୁରି କୁମାରଙ୍କୁ ବିକିଥିବା ମାନିବା ପରେ ଉକ୍ତ ବେପାରୀଙ୍କୁ ଗିରଫ କରାଯାଇଥିଲା। ତାଙ୍କଠାରୁ କାନଫୁଲ ଓ ନାକଫୁଲ ସହ ଆଉଟା ସୁନା ଜବତ ହୋଇଥିଲା। ଆଇଆଇସି ମହେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ରମେଶ ଚନ୍ଦ୍ର ଦେବତା ମାମଲାର ତଦନ୍ତ କରୁଥିଲେ।



ଗିରଫ ୪ ଅଭିଯୁକ୍ତ।

## ଫଟୋରେ ଖବର



କେନ୍ଦ୍ର ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ଗୋପାଳନ ଓ ପଶୁସମ୍ପଦ ବିଭାଗ ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ଦାମନଯୋଡ଼ିଠାରେ ନାଲ୍‌କୋ ମଜଦୁର ସଂଘ ପକ୍ଷରୁ ଦରମା ଅସଙ୍ଗତି ନେଇ ଦାବିପତ୍ର ଦିଆଯାଉଛି।


ସେମିଳିଗୁଡ଼ା ବ୍ଲକ ଚାରାଙ୍ଗୁଳ ପଞ୍ଚାୟତ ଭେଜାପୁଟ ସତ୍‌ସଙ୍ଗ ସ୍ଥିତ ତ୍ରିନାଥ ବିହାର କଲୋନିବାସୀ ନିଜସ୍ୱ ଖର୍ଚ୍ଚ ଓ ଶ୍ରମରେ ରବିବାର ମୁଖ୍ୟରାସ୍ତାର ମରାମତି କରୁଛନ୍ତି। ଏହାସହ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇଛନ୍ତି।


ଜୟପୁର ବ୍ଲକ ଫାମ୍ପୁଣିରେ ସେବା ସପ୍ତାହରେ ଭାଜପା ନେତା ଗୌତମ ସାମନ୍ତରାୟଙ୍କ ନେତୃତ୍ୱରେ ଏକକ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ସହ ପ୍ଲାଷ୍ଟିକ ମୁକ୍ତ ଗ୍ରାମ ପାଇଁ ଶପଥ ପାଠ ନିଆଯାଉଛି।

## ସଂକ୍ଷେପରେ

### ବିଜୁ ଯୁବ ବାହିନୀ ପକ୍ଷରୁ ସବୁଜ ବନାନୀ କାର୍ଯ୍ୟକ୍ରମ

ଖଇରପୁଟ,୨୨।୯(ଡି.ଏନ୍.ଏ.): ଖଇରପୁଟ ବ୍ଲକ ଅନ୍ତର୍ଗତ ଖଇରପୁଟ ପଞ୍ଚାୟତରେ ବିଜୁ ଯୁବବାହିନୀ ପକ୍ଷରୁ ସବୁଜ ବନାନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖଇରପୁଟ ପିଇଓ ଅଜୟ କୁମାର କୁଣ୍ଡୁ, ସରପଞ୍ଚ ବୁଦ୍ରାଧାଙ୍ଗଡା ମାଝି, ଏବିଡିଓ ନିରଞ୍ଜନ ହନ୍ତିଆ, ବ୍ଲକ ନୋଡାଲ ଅଫିସର ଯଜନ ବେହେରା, ଗ୍ରାମରୋଜଗାର ସେବକ ଅନନ୍ତ ପାଙ୍ଗି, ବିଜୁ ଯୁବ ବାହିନୀର ସମ୍ପାଦକ ଯୁଧିଷ୍ଠିର ଖରା ଏବଂ ବ୍ଲକ ସଂଯୋଜକ କାମରାଜ ଦେଶିଆ ନାୟକ ଉପସ୍ଥିତ ଥିଲେ । ବ୍ଲକର ୧୧ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜୁ ଯୁବବାହିନୀ ଦ୍ୱାରା ସବୁଜ ବନାନୀ କାର୍ଯ୍ୟକ୍ରମ ହୋଇଛି ।

### ଛାତ୍ରୀଛାତ୍ରଙ୍କ ପାଇଁ ଆତ୍ମବିଶ୍ୱାସ ସଚେତନତା ଶିବିର

ଖଇରପୁଟ,୨୨।୯(ଡି.ଏନ୍.ଏ.): କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିସରରେ ଖଇରପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧକ୍ଷତାରେ ଛାତ୍ରୀଛାତ୍ରଙ୍କ ପାଇଁ ଆତ୍ମବିଶ୍ୱାସ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ କାନ୍ତାର ଓ ଶିବାଜୀଙ୍କ ଆତ୍ମବିଶ୍ୱାସର କାହାଣୀ ଅତିଥିମାନେ ଶୁଣାଇଥିଲେ। ଏବିଇଓ ଶିବାନୀ ମୁଦୁଲି, ବିଦ୍ୟାଳୟ ପରିଚାଳନା କମିଟିର ବଂଶୀ ଦଳାଇ, ପ୍ରଧାନଶିକ୍ଷୟିତ୍ରୀ ମାଜିନା ଟୁଡୁ, ସିଆରସିସି ସୌଭାଗ୍ୟ କୁମାର କାନୁନ୍‌ଗୋ, ସିପିସିସି ଲକ୍ଷ୍ମୀକାନ୍ତ ରଥ, ସିଆରସିସି ରଘୁନାଥ ହନ୍ତାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ପୋଲିସ ପକ୍ଷରୁ ଗାଡିମୋଟର ଯାଞ୍ଚ

ମାଥିଲି, ୨୨।୯ : ମାଲକାନଗିରି ଜିଲା ମାଥିଲି ଥାନା ପୋଲିସ ପକ୍ଷରୁ ଶନିବାରଠାରୁ ମଦୁଆ ଧରପଗଡ ଅଭିଯାନ ଆରମ୍ଭ ହୋଇଛି। ଆଇଆଇସି ଜନ ଖୁଜୁରଙ୍କ ନିର୍ଦ୍ଦେଶରେ ଏସଆଇ ନରେନ୍ଦ୍ର ପ୍ରସାଦ ଭତ୍ରା, ଏଏସଆଇ ଖୁଦୁମାଝି ନାୟକଙ୍କ ସହ ପୋଲିସ ଟିମ ଥାନା ସମ୍ମୁଖ ମୁଖ୍ୟ ରାସ୍ତାରେ ଧରପଗଡ କରିଥିଲେ। ମୁଖ୍ୟରାସ୍ତାରେ ଯାତାୟାତ କରୁଥିବା ବାଇକ ଚାଳକ, ଟ୍ରକ, ବସ୍ ଡ୍ରାଇଭର ଓ ୪ ଚକିଆ ଯାନକୁ ଅଟକାଇ ଚାଳକ ମଦ ପିଇଛନ୍ତି ନାହିଁ ମେଶିନ୍ ଦ୍ୱାରା ପରୀକ୍ଷା କରୁଥିଲେ। ଏହି ଧରପଗଡ ମଧରାତି ଯାଏ ଚାଲିଥିଲା।

### ବାଲିମେଳା ଡ୍ୟାମ ଜଳପତ୍ତନ ୧୫୧୦ ଫୁଟ୍ ଛୁଇଁଲା

ଚିତ୍ରକୋଣ୍ଡା,୨୨।୯(ଡି.ଏନ.ଏ.): ବାଲିମେଳା ଡ୍ୟାମର ଜଳପତ୍ତନ ଇତି ମଧରେ ବୃଦ୍ଧି ପାଇଛି। ମାଛକୁଣ୍ଡ ଜଳଭଣ୍ଡାରରୁ ପାଣି ଛଡାଯିବା ପରେ ବାଲିମେଳା ଡ୍ୟାମର ଜଳସ୍ତର ଧୀରେ ଧିରେ ବୃଦ୍ଧି ପାଇ ୧୫୧୦ ଫୁଟକୁ ଛୁଇଁଛି। ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ସୁଇସ ଗେଟକୁ ଛାଡିଦେଲେ ଅନ୍ୟ କୌଣସି ଗେଟ ଖୋଲିନାହିଁ। ଏହାର ଜଳଧାରଣ କ୍ଷମତା ୧୫୧୬ ଫୁଟ ଥିବା ବେଳେ ବିପଦସଙ୍କୁଳ ସ୍ତର ୧୫୧୮ ଫୁଟ ରହିଛି। ସୂଚନାଯୋଗ୍ୟ ଯେ, ବିଗତ ଦିନରେ ଚିତ୍ରକୋଣ୍ଡା ଅଞ୍ଚଳରେ ଲଗାଣ ବର୍ଷା ହୋଇଥିଲେ ହୋଇଥିଲେ ମଧ ଏହା ବିପଦ ସଙ୍କେତ ଛୁଇଁ ନ ଥିଲା।

### ବଣ୍ଡାଘାଟିରେ ପ୍ରାଣୀ ଚିକିତ୍ସା ଶିବିର

ମାଲକାନଗିରି,୨୧।୯(ସ୍ୱ.ପ୍ର.): ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟିରେ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବଣ୍ଡା ଉନ୍ନୟନ ସଂସ୍ଥା ପକ୍ଷରୁ ଆୟୋଜିତ ଏହି ଶିବିରରେ ବଣ୍ଡାପଡା ଓ ତୁଷେଇପଡା ଗ୍ରାମର ଶତାଧିକ ଗୃହ ପାଳିତ ପ୍ରାଣୀଙ୍କ ଚିକିତ୍ସା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ଶିବିରରେ ମୁଖ୍ୟଅତିଥି ଭାବେ ବଣ୍ଡା ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ମାହାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଯୁଗଳ କିଶୋର ରଣସିଂ ଓ ଗୋଷ୍ଠୀ ପୁଷ୍ଟି ଅନୁଷ୍ଠାନ ବିକାଶର ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ ଯୋଗ ଦେଇଥିଲେ। ପ୍ରାଣୀ ଚିକିତ୍ସକ ବିକାଶ ଚନ୍ଦ୍ର ନାଗ ଓ ଏଲଆଇ ମିଉତା ବିଶ୍ୱାସ ଗୃହପାଳିତ ପ୍ରାଣୀମାନଙ୍କ ପରୀକ୍ଷା କରଥିଲେ।

■ ପଥର ବୋଝେଇ ଟ୍ରକ ଅଟକ ଘଟଣା

# ଦାବି ମାନିଲେ କମ୍ପାନୀ ମାଲିକ

କାଲିମେଲା,୨୨।୯(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ମୋଟୁ ପଞ୍ଚାୟତର ପେଟାସ୍ଥିତ ବେନୁ ଗୋପାଲ ଗ୍ରାନାଇଡ କମ୍ପାନୀ ପେଟା ଅଞ୍ଚଳରୁ ଆଜିକୁ ୨ ବର୍ଷ ହେଲା ପଥର ପରିବହନ କରି ଅନ୍ୟରାଜ୍ୟକୁ ଏବଂ ବିଦେଶକୁ ରପ୍ତାନି କରୁଛି । ତେବେ ପଥରଖନନ କରୁଥିବା ଅଞ୍ଚଳର ଗ୍ରାମବାସୀଙ୍କ ଉନ୍ନତି ପାଇଁ କମ୍ପାନୀ କିଛି କରୁ ନ ଥିଲା। ସ୍ଥାନୀୟ ଅଞ୍ଚଳରେ ଏନେଇ ଅସନ୍ତୋଷ ପ୍ରକାଶ ପାଇ ଆସୁଥିଲା। ଗତ ଶୁକ୍ରବାର ରାତି ୮ଟାରେ ବ୍ଲକ ଅଧକ୍ଷ ମାଲା ମାଢି ଓ ତାଙ୍କ ସମର୍ଥକମାନେ କାଲିମେଲା ବସଷ୍ଟାଣ୍ଡ ନିକଟରେ କମ୍ପାନୀର ପଥର ଟ୍ରକକୁ ଅଟକ ରଖି ସ୍ଥାନୀୟ ଲୋକଙ୍କର ମୌଳିକ ସମସ୍ୟା ମାନିନେବା ପାଇଁ ଦାବି କରିଥିଲେ । ଏହାର ଦୁଇଦିନ ପରେ ଉକ୍ତ ଦାବି ପୂରଣ ପାଇଁ ବେନୁଗୋପାଳ କମ୍ପାନୀର ମାଲିକ ସି.ଏଚ. ବେନୁଗୋପାଳ କାଲିମେଲାରେ ପହଞ୍ଚି ଅଞ୍ଚଳର ବିକାଶ ଲାଗି ଦାବି କରୁଥିବା ନେତା ଓ କର୍ମୀଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଏହି ଆଲୋଚନାରେ କମ୍ପାନୀ ମାଲିକଙ୍କ ସମେତ ପୂର୍ବତନ ଏମପି ପ୍ରଦୀପ ମାଝି, ବ୍ଲକ ଅଧକ୍ଷ ମାଲା ମାଢି, ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ, ପର୍ଶୁରାମ ଭକ୍ତ, ବିକାଶ ମଲିକ, ରମେଶ ଲେଙ୍କାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ କାଲିମେଲା ବଙ୍ଗଳାଠାରେ ଏକ ବୈଠକରେ ଆଲୋଚନା କରିଥିଲେ। ପ୍ରଥମେ ପାନୀୟ ଜଳ, ଦ୍ୱିତୀୟରେ ରାସ୍ତା ମରାମତି ଏବଂ ତୃତୀୟରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରିବା ସହ କମ୍ପାନୀ ଉକ୍ତ ଅଞ୍ଚଳରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପ୍ରତିଷ୍ଠା କରିବ। ଏଥିସହ ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକଙ୍କୁ ଯୋଗ୍ୟତା ଭିତ୍ତିରେ ଚାକିରି ଦେବାକୁ କମ୍ପାନୀ ମାଲିକ ପ୍ରତିଶ୍ରୁତି ଦେଇଛନ୍ତି। ଏହା ପରେ ଅଟକ ଥିବା ଟ୍ରକଗୁଡିକୁ ଛଡାଯାଇଛି। କମ୍ପାନୀର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଏହାକୁ ପରିଚାଳନା କରିବା ପାଇଁ ବ୍ଲକ ଅଧକ୍ଷକଙ୍କ ଅଧକ୍ଷତାରେ ଏକ ସର୍ବଦଳୀୟ କମିଟି ଗଠନ କରାଯିବା ପାଇଁ ମାଝି ପରାମର୍ଶ ଦେଇଛନ୍ତି।

# ଶୋଭାଯାତ୍ରା କରି ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ପାଇଁ ବୁଝାଇଲେ ଛାତ୍ରୀଛାତ୍ର




ଛାତ୍ରୀଛାତ୍ରଙ୍କୁ ନେଇ ବାହାରିଥିବା ଶୋଭାଯାତ୍ରା।

ଖଇରପୁଟ,୨୨।୯(ଡି.ଏନ୍.ଏ.)

ଖଇରପୁଟଠାରେ ପୂର୍ତ୍ତ ବିଭାଗ ପକ୍ଷରୁ ସ୍ୱଚ୍ଛତା ଓ ପ୍ଲାଷ୍ଟିକ୍ ବର୍ଜନ ଉପରେ ଏକ କାର୍ଯ୍ୟକ୍ରମ ଶନିବାର କରାଯାଇଥିଲା । ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଦୁର୍ଗାମାଧବ ପାଢୀ, ଏସ୍‌ଡିଓ ଲାଲ୍‌ମୋହନ ବେହେରାଙ୍କ ସମେତ କର୍ମଚାରୀମାନେ ଲୋକଙ୍କୁ ସଚେତନ ବାର୍ତ୍ତା ବାଣ୍ଟିଥିଲେ । ନିଜ ଗ୍ରାମକୁ ସଫାସୁତୁରା ରଖିବା, ପ୍ଲାଷ୍ଟିକ୍ ଓ ପଲିଥିନ ଦ୍ୱାରା କ'ଣ କ୍ଷତି ହେଉଛି ସୂଚନା ଦେଇ ଏହାର ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରା ବଜାର ଏବଂ ବିଭିନ ସାହି ପରିକ୍ରମା କରିଥିଲା। ପ୍ରଧାନଶିକ୍ଷକ ବଂଶୀଧର କର, ମୁଦୁଲିପଡା ପୋଲିସ, କ୍ଲବ ସଭାପତି ଆନନ୍ଦ ଚାର୍କି, ଜଗନ୍ନାଥ ମାଝି, ମାଧବ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ପୁଣି ମାନବିକତା ଦେଖାଇଲେ ଯବାନ

# ପୋଲିସ ବିରୋଧୀ ବ୍ୟକ୍ତିଙ୍କୁ ପୋଲ ପାର୍ କରାଇଲେ

ମାଲକାନଗିର, ୨୨।୯(ସ୍ୱ.ପ୍ର.)

ମାନବିକତା ଦେଖାଇଲେ ଯବାନ। ପୋଲିସ ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ଜଣେ ବ୍ୟକ୍ତିଙ୍କୁ ସହାୟତା କରି ତାଙ୍କୁ ପୋଲ ପାର କରାଇ ନିଜ ମଣିଷପଣିଆର ପରିଚୟ ଦେଇଛନ୍ତି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ଯବାନମାନେ। ଖବରରୁ ଜଣାପଡିଛି ଗତ ୧୫ତାରିଖରେ ଚିତ୍ରକୋଣ୍ଡା ବ୍ଲକ ବିଚ୍ଛିନ୍ନାଞ୍ଚଳର ଧୂଳିପୁଟ ପଞ୍ଚାୟତ ଅନ୍ତର୍ଗତ ରାଙ୍ଗିନିଗୁଡା ଗ୍ରାମର ରାଜୁ ହନ୍ତାଳଙ୍କ ହତ୍ୟା ଘଟଣା ଘଟିଥିଲା। ଏନଇ ସମ୍ପୃକ୍ତ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିରୁ ଫାଇଦା ଉଠାଇ ପୋଲିସ ବିରୋଧରେ ଲୋକଙ୍କୁ ମତାଇବା ଲାଗି ଆନ୍ଧ୍ରରୁ କେତେକ ବ୍ୟକ୍ତି ଆଦିବାସୀଙ୍କୁ ଏକତ୍ରିତ କରିବାକୁ ଯୋଜନା କରିଥିଲେ। ତାହାକୁ ପୋଲିସ ସୂଚନା ପାଇ ସଫଳ ହେବାକୁ ଦେଇ ନ ଥିଲା। ସେ ସମୟରେ ଆସିଥିବା ବ୍ୟକ୍ତିଙ୍କ ମଧରେ ଥିବା ୫ଜଣ ପୋଲିସ ବିରୋଧୀ ନେତା ରବିବାର ଆନ୍ଧ୍ରରୁ ଆସି ଜିଲା ପ୍ରଶାସନକୁ ଭେଟି ଦାବିପତ୍ର ଦେଇଥିଲେ। ସେମାନଙ୍କ ମଧରେ ଜଣେ ୬୦ ବର୍ଷର ବୃଦ୍ଧ ଥିଲେ। ସମସ୍ତେ ୨ କିଲୋମିଟରରୁ ଉର୍ଦ୍ଧ୍ୱ ଜଙ୍ଗଲ ପାହାଡ଼ ରାସ୍ତା ଦେଇ ଆସିଥିଲେ। ପ୍ରଶାସନ ନିକଟରେ ପହଞ୍ଚି ଦାବିପତ୍ର ଦେବା ସମୟରେ ଚିତ୍ରକୋଣ୍ଡା ଏସଡିପିଓ ମାନସ ବାରିକ ସମସ୍ତଙ୍କୁ ପ୍ରଥମେ ଥଣ୍ଡା ପାଣି ଦେଇ ସେମାନଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଦାବିପତ୍ର ପ୍ରଦାନ ପରେ ଡୋଲିଆମ୍ବ ଗ୍ରାମକୁ ଚାଲିଚାଲି ଯିବା ବେଳେ ୬୦ ବର୍ଷୀୟ ବୃଦ୍ଧ ଜଣକ ଥକି ପଡିଥିଲେ। ଏହା ଜାଣି ପାରି ଏସଡ଼ିପିଓ ବାରିକ ଡ୍ୟୁଟିରେ ଥିବା ଡିଭିଏଫ ଯବାନଙ୍କୁ ତାଙ୍କୁ ସହାୟତା କରିବା ଲାଗି ପଠାଇଥିଲେ । ପରେ ଯବାନ ଜଣକ ତାଙ୍କୁ ହାତ ଧରି ପୋଲ ପାର କରାଇ ଦେଇଥିଲେ । ପୋଲିସ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ନେତାଙ୍କୁ ମାନବିକତା ଦେଖାଇ ପୋଲିସ ପୁଣି ଥରେ ବିଚ୍ଛିନ୍ନାଞ୍ଚଳ ଲୋକଙ୍କ ଆସ୍ଥା ଭାଜନ ହୋଇପାରିଛି ।

■ ୨ ଗଞ୍ଜେଇ ଚାଲାଣକାରୀଙ୍କୁ କୋର୍ଟ ଚାଲାଣ

# ଶିକ୍ଷୟିତ୍ରୀଙ୍କ ଗାଡିରେ ହେଉଥିଲା ଗଞ୍ଜେଇ ଚାଲାଣ

କାଲିମେଲା,୨୨।୯(ଡି.ଏନ.ଏ.)

ମାଲକନାଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ଏମଭି-୯୦ ଗ୍ରାମରୁ ଶନିବାର ଏକ କାର ଭିତରୁ ଗଞ୍ଜେଇ ଜବତ ହେଇଥିଲା। ଏଥିରେ ସମ୍ପୃକ୍ତ ଏମଭି-୯୦ ଗ୍ରାମର ଅଜୟ ମଣ୍ଡଳ ଓ ସୁଜନ ମଣ୍ଡଳଙ୍କୁ ପୋଲିସ ଗିରଫ କରିଥିଲା। ଉଭୟଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ମାଲକନାଗିରି ଜେଲକୁ ପଠାଯାଇଛି । ଗଞ୍ଜେଇ ଜବତ ହୋଇଥିବା କାରଟି କାଲିମେଲା ବ୍ଲକରେ ଶିକ୍ଷା ବିଭାଗରେ ଚାକିରି କରୁଥିବା ଜଣେ ଶିକ୍ଷୟିତ୍ରୀଙ୍କର ବୋଲି ଜଣାପଡିଛି। ଏହାର ରେଜିଷ୍ଟ୍ରେସନ ତାଙ୍କ ନାମରେ ରହିଛି। କାର ନଂ. ଓଡି ୩୦ ବି ୬୫୯୩। ତେବେ ଜଣେ ଶିକ୍ଷୟିତ୍ରୀଙ୍କ ଗାଡିରେ ଗଞ୍ଜେଇ ଚାଲାଣ ନେଇ ଘଟଣା ସନ୍ଦେହ ପରିସରକୁ ଆସିଛି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମତ ପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ ସଂପୃକ୍ତ ଶିକ୍ଷୟିତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇଥିଲେ ମଧ କିଛି ନ କହି ଫୋନ କାଟି ଦେଇଥିଲେ । ସୂଚନାଯୋଗ୍ୟ ଯେ, ଗିରଫ ଜୟନ୍ତଙ୍କ ବାପା ରଣଦା ପ୍ରସାଦ ମଣ୍ଡଳ ମଧ ଜଣେ ସରକାରୀ କର୍ମଚାରୀ ବୋଲି ଜଣାପଡିଛି । ଏ ନେଇ ପୋଲିସ ଅଧିକ ତନାଘନା ଚଳାଇଥିବା ଥାନା ଅଧିକାରୀ ଶେଷଦେବ ବେହେରା କହିଛନ୍ତି।

### ଆଦିବାସୀ ମହିଳାଙ୍କୁ ବଳାତ୍କାର, ଥାନାରେ ମାମଲା

କାଲିମେଲା,୨୨।୯(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ମାଝିଗୁଡା ଗ୍ରାମରେ ଜଣେ ବିବାହିତ ଆଦିବାସୀ ମହିଳାଙ୍କୁ ବଳାତ୍କାର କରାଯିବା, ଏହାକୁ ଗ୍ରାମ ବୈଠକରେ ମହିଳାଙ୍କ ସ୍ୱାମୀ ବିରୋଧ କରିବାରୁ ତାଙ୍କୁ ମାଡ ମରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ପୋଲିସ ୧୪୬/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଖବରରୁ ଜଣାପଡିଛି ଗତ ସୋମବାର ମଝିଗୁଡା ଗ୍ରାମର ଜଣେ ମହିଳା କେତୁଲରେ ଶୋଇଥିବା ତାଙ୍କ ସ୍ୱାମୀଙ୍କୁ ଡାକିବାକୁ ରାତି ଟାରେ ଯାଇଥିଲେ। ମହିଳା ଜଣକ ଯାଉଥିବା ବେଳେ ନିକଟରେ ଥିବା ଏକ ଗ୍ରାମର ବିଦ୍ୟାଳୟ ପଟୁ ଉରା ପଡିଆମିଙ୍କ ପୁଅ ଭୀମା ପଡିଆମି (୪୫) ତାଙ୍କ ନିକଟରେ ପହଞ୍ଚି ମହିଳାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଜୋର ଜବରଦସ୍ତି ତାଙ୍କୁ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ଭୀମା ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲେ। ମହିଳା ଜଣକ ୪ ଦିନ ଧରି ଭୟରେ ସ୍ୱାମୀଙ୍କୁ ଏ ବିଷୟରେ ଜଣାଇ ନ ଥିଲେ। ଗତ ଶନିବାର ସେ ବିଷଖାଇ କିମ୍ବା ଫାଶି ଦେଇ ଆତ୍ମହତ୍ୟା କରିବେ ବୋଲି ସ୍ୱାମୀଙ୍କୁ କହିବା ସହ ଘଟଣା ସମ୍ପର୍କରେ ଜଣାଇଥିଲେ । ମହିଳାଙ୍କ ସ୍ୱାମୀ ଗାଁ ଲୋକଙ୍କୁ ଏହା ଜଣାଇବା ପରେ ଗାଁ ପେଦାଙ୍କ ସହାୟତାରେ ଗ୍ରାମରେ ଏକ ବୈଠକ ବସିଥିଲା। ବଳାତ୍କାର କରିଥିବା ଭୀମାଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ମାତ୍ର ଭୀମା ସେହି ଜରିମାନା ଅର୍ଥ ଦେଇ ନ ଥିଲେ। ଏପରିକି ଭୀମାଙ୍କ ୩ ଭାଇ ଇର୍ମା ପଡିଆମି, ଦେବେନ୍ଦ୍ର ପଡିଆମି ଓ ଦେବା ପଡିଆମି ମହିଳାଙ୍କ ସ୍ୱାମୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରି ମାଡ ମାରିଥିଲେ। ତାଙ୍କ ଭ୍ରାଇଁ ତାଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ଏନେଇ ରବିବାର ଭୀମା ଏବଂ ତାଙ୍କ ୩ଭାଇଙ୍କ ନାମରେ ମହିଳାଙ୍କ ସ୍ୱାମୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଥାନା ଭାରପ୍ରାପ୍ତ ଅଧିକାରୀ ଶେଷଦେବ ବେହେରା କରୁଛନ୍ତି ।




ରୌପ୍ୟ ଜୟନ୍ତୀ ପାଳନ ନେଇ ବସିଥିବା ପ୍ରସ୍ତୁତି ବୈଠକ।

## ମହିଳା ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ମାଲକାନଗିରି,୨୨।୯ (ଡି.ଏନ୍.ଏ.)

ମାଲକାନଗିରିରେ ୧୯୯୪ରେ ଆଇନଜୀବୀ ଦୁର୍ଗା ତ୍ରିପାଠୀ ଏବଂ କେତେକ ସାମାଜିକ କର୍ମୀଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିବା ମହିଳା ମହାବିଦ୍ୟାଳୟ ଆସନ୍ତା ଡିସେମ୍ବର ମାସରେ ୨୫ ବର୍ଷ ପୂରଣ କରିବ। ଏହି ଅବସରରେ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ ଲାଗି ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଦୁଷ୍ମନ୍ତ ଜେନାଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ପ୍ରତିଷ୍ଠାତା ତ୍ରିପାଠୀ, ମାଲକାନଗିରି ଆଦିବାସୀ ଉନ୍ନୟନ ପରିଷଦ ଅଧକ୍ଷ ତଥା ମହାବିଦ୍ୟାଳୟର ସଭାପତି ପୂର୍ବତନ ବିଧାୟକ ମାନସ ମାଡକାମି, ପୌର ପରିଷଦର ପୂର୍ବତନ ଅଧକ୍ଷା ରାଜଓ୍ୱନ୍ତ କୌର, ଅବସରପ୍ରାପ୍ତ ଉପଜିଲାପାଳ ରଥିକୃଷ୍ଣ ପାତ୍ର, ଜି. ଭେଙ୍କଟ ରାଓ, ଡି, ଶ୍ରୀନିବାସ ରାଓ, ଜୟନ୍ତୀ ବୁରୁଦା, ଜଗୁ ପଡିଆରି, ପ୍ରଫୁଲ୍ଲପଣ୍ଡା, ମାଣିକ ଚକ୍ରବର୍ତ୍ତୀଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ରୌପ୍ୟ ଜୟନ୍ତୀ ପାଳନ ନେଇ ଆଲୋଚନା କରିଥିଲେ। ଏଥିପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଉତ୍ସବରେ ରାଜ୍ୟପାଳଙ୍କୁ ମୁଖ୍ୟଅତିଥି ଭାବେ ଯୋଗ ଦେବାକୁ କମିଟି ପକ୍ଷରୁ ନିମନ୍ତ୍ରଣ କରାଯିବା ଲାଗି ନିଷ୍ପତ୍ତି ହୋଇଥିଲା। ସୂଚନାଯୋଗ୍ୟ ଯେ, ଏହି ମହାବିଦ୍ୟାଳୟ ଜିଲାରେ ଏକମାତ୍ର ମହିଳା ମହାବିଦ୍ୟାଳୟ। ଏଠାରେ ୮ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରିଥାନ୍ତି।

# ବଡ଼ଘାଟ ଗ୍ରାମକୁ ନାହିଁ ରାସ୍ତା

**ମାଲକାନଗିରି ଜିଲା**

- ୨ଟି ନାଳ, ଗୋଟିଏ ନଦୀ ପାର ହୋଇଯିବାକୁ ପଡେ
- ହାଣ୍ଡି ଭିତରେ ରଖି ଛୋଟ ଶିଶୁଙ୍କୁ ପାରକରାନ୍ତି
- ଖଟିଆରେ ୫କିମି ବୁହା ହୋଇ ଗଲେ ମିଳେ ସ୍ୱାସ୍ଥ୍ୟସେବା
- ପାଠପଢି ଯିବାକୁ ପିଲାଏ ଚାଲୁଛନ୍ତି ୪କିମି



ହାଣ୍ଡିଧରି ନଦୀ ପାର୍ ହେଉଛନ୍ତି ଗ୍ରାମବାସୀ।

ଗୋବିନ୍ଦପାଲି,୨୨।୯(ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଗୋବିନ୍ଦପାଲି ପଞ୍ଚାୟତର ବଡ଼ଘାଟ ଗ୍ରାମକୁ ଯିବାକୁ ରାସ୍ତାଟିଏ ନାହିଁ। ପାହାଡ଼ର ପାଦଦେଶରେ ଥିବା ଏହି ଗ୍ରାମରେ ଭରି ରହିଛି ଅନେକ ସମସ୍ୟା। ୪କିମି ଦୂର ଅନ୍ଧାରି ଗ୍ରାମକୁ ପିଲାମାନେ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଉଛନ୍ତି। ଶିକ୍ଷା,ସାସ୍ଥ୍ୟ, ଗମନାଗମନ ସୁବିଧା କିଛି ନାହିଁ। ଗୋବିନ୍ଦପାଲି ପଞ୍ଚାୟତରୁ ପ୍ରାୟ ୧୫ କିମି ମନ୍ତ୍ରୀଆମ୍ବ ଗ୍ରାମ ଦେଇ ଜବା ଗ୍ରାମରେ ପହଞ୍ଚିବାକୁ ହୁଏ। ସେଠାରୁ ପାଦଚଲା ରାସ୍ତାରେ ୨ଟି ନାଳ ଓ ଧର୍ମଘାଟ ନଦୀ ପାର ହୋଇ ଗଲେ ପଡେ ବଡଘାଟ ଗ୍ରାମ। ବର୍ଷା ଦିନେ ବଡଘାଟ ଗ୍ରାମବାସୀଙ୍କ ପାଇଁ ଗମନାଗମନ ଏକପ୍ରକାର ଠପ୍ ହୋଇପଡେ। ଯଦି ଗ୍ରାମ ବାହାରକୁ ଯିବାକୁ ପଡେ ତେବେ ନଦୀ ପାର ହୋଇ ବହୁ କଷ୍ଟରେ ଯାଇଥାନ୍ତି। ଲୋକମାନେ ହାଣ୍ଡି ଧରି ନଦୀ ପାର ହୁଅନ୍ତି। ଛୋଟ ଶିଶୁଙ୍କୁ ମଧ ହାଣ୍ଡି ଭିତରେ ରଖି ପାର କରାନ୍ତି। ବଡ଼ଘାଟ ଗ୍ରାମରେ ରହିଛି ୧୫/୨୦ ଘର। ୧୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗ୍ରାମରେ ପାନୀୟ ଜଳ ପାଇଁ ରହିଛି ଗୋଟିଏ ମାତ୍ର ନଳକୂପ। ସେଥିରୁ ଆବଶ୍ୟକ ପରିମାଣର ପାଣି ମିଳି ନ ଥାଏ। ଚୁଆ ପାଣି ଆମ ଭରସା ବୋଲି କହନ୍ତି ଗ୍ରାମବାସୀ। ଗ୍ରାମରେ କେହି ଅସୁସ୍ଥ ହୋଇପଡିଲେ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିପାରେନି। ରୋଗୀକୁ ୫ କିମି ଖଟିଆରେ ବୋହି ନେବା ପରେ ଏମାନେ ପାଆନ୍ତି ଆମ୍ବୁଲାନ୍ସ ସେବା। ପିଡ଼ିଏସ ଚାଉଳ, କିରୋସିନ ଆଣିବା ପାଇଁ ହେଲେ ଯେତିକି ଟଙ୍କାରେ ରାଶନ ସାମଗ୍ରୀ ଆଣନ୍ତି ତା'ଠାରୁ ଅଧିକ ଟଙ୍କା ଖର୍ଚ୍ଚ ହୁଏ ବୋଲି ଗ୍ରାମବାସୀ କହିଛନ୍ତି। ଆସବାବପତ୍ର ହେଉ କିମ୍ବା ଅନ୍ୟ କୌଣସି ସାମଗ୍ରୀ କିଣିବା ପାଇଁ ଏମାନେ ଗ୍ରାମଠାରୁ ୧୮ କିମି ଦୂରରେ ଥିବା ଗୋବିନ୍ଦପାଲି ଉପରେ ନିର୍ଭର କରନ୍ତି। ପ୍ରଶାସନ ପକ୍ଷରୁ ଉକ୍ତ ଗ୍ରାମର ବିକାଶ ଲାଗି ପଦକ୍ଷେପ ନେବାକୁ ଦାବି ହେଉଛି।

# ରାସ୍ତା ଖରାପ, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

- ରାସ୍ତାରୁ ମୋରମ ମେଟାଲ ଧୋଇ ହୋଇଯାଇଛି
- ଆକୁର ଗ୍ରାମ ନିକଟରେ ବିପଦସଙ୍କୁଳ ଅବସ୍ଥା
- ଆନ୍ଦୋଳନ ହେବ କହିଲେ ଜିଲା ପରିଷଦ ଅଧକ୍ଷ



ନଷ୍ଟ ହୋଇଯାଇଥିବା ରାସ୍ତା।

ମାଲକାନଗିରି,୨୨।୯ (ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ଉଡୁପା ପଞ୍ଚାୟତ ସଦର ମହକୁମାରୁ ମୁଣ୍ଡାଗୁଡା, ଆକୁର, ପିତାତଙ୍ଗ, ଗୁସୁନାଡ, କତାପାଲି ଦେଇ ଯାଇଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ମାଥିଲି ବ୍ଲକ ମହୁପଦରକୁ ସଂଯୋଗ କରୁଥିବା ଏହି ୨୦ କିମି ରାସ୍ତାରେ ମାଲକାନଗିରି ସଦରମହକୁମା, ମାଥିଲି, ପାଣ୍ଡ୍ରିପାଣି ଏବଂ ସୀମାନ୍ତ ଛତିଶଗଡକୁ ଲୋକେ ଦୈନିକ ବିଭିନ୍ନ କାର୍ଯ୍ୟରେ ଯାତାୟାତ କରନ୍ତି। ଦୁଇବର୍ଷ ପୂର୍ବରୁ ମାଲକାନଗିରି ଗ୍ରାମ୍ୟ ନିର୍ମାଣ ସଂସ୍ଥା-୧ ଦ୍ୱାରା ମେଟାଲ, ମୋରମ ବିଛାଯାଇଥିଲା । ଇତି ମଧରେ ଗତ ପ୍ରବଳ ବର୍ଷାରେ ରାସ୍ତାରୁ ମୋରମ ମେଟାଲ ଧୋଇ ହୋଇଯାଇ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତାରେ ଜନସାଧାରଣ ଏବଂ ଗାଡିମୋଟର ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଉଡୁପା, ମୁଣ୍ଡାଗୁଡା, ଆକୁର, ପିତାତଙ୍ଗ, ଧୁସୁନାଡ ଅଞ୍ଚଳର ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଆକୁର ଗ୍ରାମ ନିକଟରେ ରାସ୍ତା ଧୋଇ ହୋଇଯାଇ ସୃଷ୍ଟି ହୋଇଥିବା ଗର୍ତ୍ତ ବିପଦ ସୃଷ୍ଟି କରୁଛି। ଏ ପର୍ଯ୍ୟନ୍ତ ସମ୍ପୃକ୍ତ ବିଭାଗ ରାସ୍ତା ମରାମତି କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମି ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଏ ସମ୍ପର୍କରେ ଜିଲା ପରିଷଦ ବୈଠକରେ ପ୍ରଶ୍ନ ଉଠାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ରାସ୍ତା ମରାମତି ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।




■ ରାଜୁ ହନ୍ତାଳ ହତ୍ୟା ଘଟଣା

# କାହାଦ୍ୱାରା ପ୍ରଭାବିତ ନ ହେବାକୁ ଏସ୍‌ପିଙ୍କ ପରାମର୍ଶ

ମାଲକାନଗିରି,୨୨।୯ (ଡି.ଏନ.ଏ.)

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ରାଜୁ ହନ୍ତାଳ ହତ୍ୟା ଘଟଣାକୁ ନେଇ ବାହାର ରାଜ୍ୟର ମାଓବାଦୀମାନେ ଫାଇଦା ଉଠାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ସେମାନେ ଲୋକଙ୍କୁ ପୋଲିସ ବିରୋଧରେ ପ୍ରବର୍ତ୍ତାଇ ଘଟଣାକୁ ଉସ୍‌କାଉଛନ୍ତି। ଏହି ସୂଚନା ପୋଲିସ ପାଖରେ ପହଞ୍ଚିବା ପରେ ଯେ କୌଣସି ମୁହୂର୍ତ୍ତରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ପୋଲିସ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିଲା। ସ୍ଥିତିରେ ସୁଧାର ଆସିବାରୁ ଶନିବାର ଏହି ଧାରା ଉଠିଥିଲା। ତେବେ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ବିଶ୍ୱାସଭାଜନ ହେବାକୁ ମାଲକାନଗିରି ଏସ୍.ପି. ହ୍ରିଷିକେଶ ଡି. ଖିଲାରୀ ସ୍ୱାଭିମାନ ଅଞ୍ଚଳବାସୀଙ୍କୁ କାହାଦ୍ୱାରା ପ୍ରଭାବିତ ନ ହେବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ, ସେମାନଙ୍କ ଦାବିଗୁଡିକ ରାଜ୍ୟ ସରକାରଙ୍କ ନିକଟରେ ପହଞ୍ଚିବ। ଯାହା ସମସ୍ୟା ରହିଛି ତାହା ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ ବ୍ୟବସ୍ଥା ହେବ। ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ବାହାର ରାଜ୍ୟର ଗଣତନ୍ତ୍ର ବିରୋଧୀ ସଂଘଗୁଡିକ ଏହି ଘଟଣାର ଫାଇଦା ଉଠାଇବାକୁ ଚେଷ୍ଟା କରୁଛନ୍ତି। ପୋଲିସ ପ୍ରଶାସନ ସମସ୍ତ ଅଭିଯୋଗଗୁଡିକର ତଦନ୍ତ କରି ସେମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବ ବୋଲି ଖିଲାରୀ କହିଛନ୍ତି। ଅନ୍ୟପକ୍ଷରେ ଘଟଣାର ଗୁରୁତ୍ୱକୁ ନେଇ ଜନ୍ତାପାଇ ସହ ଏହାର ଆଖପାଖ ଅଞ୍ଚଳରେ ମାଓବାଦୀ ବିରୋଧୀ ପୋଷ୍ଟର ମରାଯାଇଥିବା ଦେଖିବାକୁମିଳିଛି।ପୋଷ୍ଟରରେ କୁହାଯାଇଛି ଯେ, ମାଓବାଦୀମାନେ ଜଳ, ଜମି, ଜଙ୍ଗଲ କଥା କହି ନିରୀହ ଆଦିବାସୀଙ୍କୁ ଜନ୍ମମାଟିରୁ ତଡିଦେବା, ବନ୍ଦ ଆଳରେ ସପ୍ତାହ ସପ୍ତାହ ଧରି ଗାଡିମୋଟର ଲଞ୍ଚ, ଦୋକାନ ବଜାର ବନ୍ଦ କରି ଲୋକଙ୍କୁ ଅସୁବିଧାରେ ପକାଇବା, ସେମାନଙ୍କଠାରୁ ମୁଣ୍ଡ ପିଛା ଟଙ୍କା ଆଦାୟ କରିବା, ପ୍ରଜାକୋର୍ଟରେ ବିଚାର ପ୍ରକ୍ରିୟା ଆଳରେ ନିର୍ଦ୍ଦୋଷଙ୍କୁ ଦୋଷୀ ସଜାଇ ହତ୍ୟା କରିବା, ସେମାନଙ୍କୁ ମିଳୁଥିବା ସରକାରୀ ଯୋଜନାରୁ ଫାଇଦା ଉଠାଇବା, ଗ୍ରାମକୁ ରାସ୍ତା କରାଇ ନ ଦେବା, ସ୍କୁଲ ଏବଂ କଲେଜ ସ୍ଥାପନରେ ବିରୋଧ କରି ବିକାଶରେ ବାଧକ ସାଜୁଛନ୍ତି ବୋଲି ଲଗା ଯାଇଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ତେବେ ଏହି ପୋଷ୍ଟର କିଏ ଲଗାଇଛି ତାହା ଜଣାପଡିନାହିଁ। ସବୁ ପ୍ରକାର ହିଂସାକୁ ଏଡ଼ାଇବା ପାଇଁ ସମ୍ପୃକ୍ତ ଅଞ୍ଚଳରେ ପୋଲିସ କଡା ନଜର ରଖିଛି । ବିଏସ୍ଏଫ୍ ଯବାନଙ୍କୁ ମୁତୟନ କରାଯାଇଛି । ଗତ ସପ୍ତାହେ ତଳେ ରାଙ୍ଗିଣିଗୁଡା ଗ୍ରାମର ରାଜୁଙ୍କ ମୃତଦେହ ଜନ୍ତାପାଇ ଅଙ୍ଗନୱାଡି କେନ୍ଦ୍ର ରୋଷେଇ ଘରୁ ମିଳିବା ପରେ ସମ୍ପୃକ୍ତ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି।

### ଉସ୍‌କାଉଛନ୍ତି ବାହାର ରାଜ୍ୟର ମାଓବାଦୀ

## ସବୁଜ ସୁନ୍ଦର ଅଭିଯାନ ଆରମ୍ଭ

ମାଲକାନଗିରି, ୨୨।୯ (ସ୍ୱ.ପ୍ର.)

ମାଲକାନଗିରି ମହାବିଦ୍ୟାଳୟ ପରିସରରେ ରବିବାର ସବୁଜ ସୁନ୍ଦର ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ ସୁଶାନ୍ତ କୁମାର ମାଝିଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଏଥିରେ ମୁଖ୍ୟଅତିଥି ରୂପେ ଅଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଜିଲା ରେଡ୍‌କ୍ରସ ସୋସାଇଟିର ସଂଯୋଜକ ଡ. ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଏହି ଅବସରରେ ମହାବିଦ୍ୟାଳୟ, ବଗିଚା, ଛାତ୍ରାବାସ ଚତୁଃପାର୍ଶ୍ୱ ପରିସର ସଫେଇ କରାଯାଇଥିଲା। ପ୍ଲାଷ୍ଟିକ୍ ବର୍ଜନ ପାଇଁ ଏକ ସଚେତନତା ଶୋଭାଯାତ୍ରା ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଶପଥ ନେଇଥିଲେ। ଶିକ୍ଷା ବିଭାଗୀୟ ମୁଖ୍ୟ ଗୌତମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

■ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ

# ପଡିରହିଛି ୫୦ ଖବରଦାତାଙ୍କ ସ୍ୱାସ୍ଥ୍ୟ ବୀମା କାର୍ଡ

ମାଲକାନଗିରି,୨୨।୯ (ଡି.ଏନ.ଏ.)

ସମ୍ବିଧାନ ଅନୁସାରେ ଦେଶର ଗଣମାଧ୍ୟମ ପ୍ରତିନିଧିମାନେ ଚତୁର୍ଥ ସ୍ତମ୍ଭ । ଏହି ଚତୁର୍ଥ ସ୍ତମ୍ଭରେ କାର୍ଯ୍ୟକରୁଥିବା ଗଣମାଧ୍ୟମ ପ୍ରତିନିଧିମାନେ ନିଜ ଜୀବନକୁ ବାଜି ଲଗାଇ ବିଭିନ୍ନ ସମସ୍ୟା, ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରି ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଦୃଷ୍ଟିକୁ ଆଣିଥାନ୍ତି। ଫଳରେ ଜନସାଧାରଣ ଉପକୃତ ହୋଇଥାନ୍ତି। ସେମାନଙ୍କ ଅନେକ ସମସ୍ୟା ସମାଧାନ ହୋଇପାରିଥାଏ। ମାଲକାନଗିରି ଜିଲାରେ ୮୦ରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରି ସରକାର ସେମାନଙ୍କ ପରିବାରକୁ ଏଥିରେ ସାମିଲ କରିଛନ୍ତି। ଫଳରେ ଜଣେ ଖବରଦାତା କିମ୍ବା ତାଙ୍କ ପରିବାର କାର୍ଯ୍ୟରତ ସମୟରେ କୌଣସି ସ୍ୱାସ୍ଥ୍ୟଗତ ଅସୁବିଧାର ସମ୍ମୁଖୀନ ହେଲେ ଏହି ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡ ଦ୍ୱାରା ସରକାରୀ ଅର୍ଥରେ ଡାକ୍ତରଖାନାରେ ଚିକିତ୍ସିତ ହୋଇପାରିବେ। ମାତ୍ର ମାଲକାନଗିରି ଜିଲାରେ ୨୦୧୮ରେ ୭ଜଣଙ୍କୁ ସ୍ୱାସ୍ଥ୍ୟ ବୀମା କାର୍ଡ ମିଳିଛି। ସେହି ସମୟରେ ଆବେଦନ କରିଥିବା ଆହୁରି ୫୦ଜଣ ଖବରଦାତାଙ୍କ ସ୍ୱାସ୍ଥ୍ୟ ବୀମା କାର୍ଡ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମାଲକାନଗିରି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହି କାର୍ଡ ଖବରଦାତାମାନଙ୍କୁ ବିତରଣ କରାଯାଇନାହିଁ। ବର୍ତ୍ତମାନ ଅନ୍ୟ ଜିଲାରେ ୨୦୧୮ରେ କାର୍ଡ ପାଇଥିବା ଖବରଦାତାମାନେ ୨୦୧୯ ପାଇଁ ନବୀକରଣ ଲାଗି ଆବେଦନ କରି ନିଜ କାର୍ଡ ପାଇ ସାରିଲେଣି। ଏନେଇ ଜିଲାର ଖବରଦାତାଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ଗୁଣନିଧି ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିଳମ୍ବରେ ଆସିଥିବା ୨୦୧୮ ମସିହାର ଏହି ସ୍ୱାସ୍ଥ୍ୟ ବୀମା କାର୍ଡଗୁଡିକ ଜିଲାପାଳଙ୍କ ସହ ଆଲୋଚନା କରାଯାଇ ବିତରଣ ବ୍ୟବସ୍ଥା କରାଯିବ। ଏହାର ଅବଧି ଶେଷ ହୋଇଯାଇଥିବାରୁ ୨୦୧୯ ଲାଗି ନବୀକରଣ ପାଇଁ ଏହାକୁ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟକୁ ପଠାଯିବ ବୋଲି ସେ କହିଛନ୍ତି।

### ମାଲକାନଗିରି ଜିଲା



For Institutional and Bulk Sales please write to Kolkata@heromotocorp.com
ଅଥରାଇଜ୍ଡ ଡିଲର: ବ୍ରହ୍ମପୁର: ଲକ୍ଷ୍ମୀ ହୀରୋ - 7799766350. ଜୟପୁର: ସୁପ୍ରିମ ହୀରୋ - 7799766340. ଫୁଲବାଣୀ: ନାରାୟଣୀ ହୀରୋ - 7799766373. ରାୟଗଡ଼ା: ଅଜୀତ ହୀରୋ - 7799766358. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ଆସିକା: ଅଶୋକ ମୋଟର୍ସ - 273226. ପାରଳାଖେମୁଣ୍ଡି: ପ୍ରୀତମ ଏଣ୍ଟରପ୍ରାଇଜ - 224656. ମାଲକାନଗିରି: କନିଷ୍କ ଅଟୋମୋବାଇଲ୍ସ - 9437181980, 230514. ନବରଙ୍ଗପୁର: ଅରୁଣ ସେଲ୍ସ ଆଣ୍ଡ ସର୍ଭିସ - 223970. ସିମିଳିଗୁଡା: କେ.ପି.ଏଣ୍ଟରପ୍ରାଇଜ - 225222. ଦେବଗଡ଼ : ଜିନ୍ଦଲ ମୋଟର୍ସ : 9337774624.



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ, ତାଙ୍କୁ ଭକ୍ତ କୁହାଯାଏ।
-ସନ୍ଥ ତୁଳସୀଦାସ



## ସଂକ୍ଷେପରେ

### ବ୍ଲକ କ୍ରୀଡ଼ା ସଂଘ ସାଧାରଣ ପରିଷଦ ବୈଠକ




ଜୟପୁର,୨୨।୯(ନି.ପ୍ର.): ଜୟପୁର ବିଦ୍ୟାଳୟସ୍ତରୀୟ ବ୍ଲକ କ୍ରୀଡ଼ା ସଂଘ ପକ୍ଷରୁ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ଅନ୍ୟ ଅତିଥି ଭାବେ ଉମୁରିସ୍ଥିତ ଏସ୍‌ଏସ୍‌ଡି ହାଇସ୍କୁଲର ପ୍ରଧାନଶିକ୍ଷକ ଭାଗବତ ପ୍ରସାଦ ଦାସ, ଜୟପୁର ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରମେଶ ଟାକ୍ରୀ, କୋରାପୁଟ ଜିଲାର ଆଇପିଇ ବିପ୍ରଚରଣ ପଣ୍ଡା, ବିଟିଏ ପ୍ରସନ୍ନ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଜୟପୁର ବ୍ଲକର ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧରେ ହେବାକୁ ଥିବା ସ୍ଥାନ, ତାରିଖ ନିର୍ଦ୍ଧାରିତ ହୋଇଥିଲା। ଖୋ-ଖୋ, କବାଡି, ଫୁଟବଲ ଓ ଯୋଗ ଆସନ୍ତା ୨୬ରେ ବାରିଣିପୁଟ ସ୍ଥିତ ପ୍ରୋଜେକ୍ଟ ହାଇସ୍କୁଲରେ ହେବାକୁ ସ୍ଥିର ହୋଇଛି। ଆମ୍ବାଗୁଡ଼ା ସ୍ଥିତ ସରକାରୀ ହାଇସ୍କୁଲରେ ଆଥଲେଟିକ, ମଡର୍ଣ୍ଣ ଇଂରାଜୀ ସ୍କୁଲରେ କ୍ରିକେଟ୍ ଖେଳାଯିବା ପାଇଁ ସ୍ଥିର ହୋଇଥିଲା। ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ ଖେଳ ପରିଚାଳନା ପାଇଁ ୭ ଜଣିଆ କମିଟି ଗଠନ କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ୩୪ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକ ଓ ଖେଳ ଶିକ୍ଷକ ଉପସ୍ଥିତ ଥିଲେ। ବାସୁଦେବ ସେନାପତି ଖେଳ ବିଷୟରେ ଆଲୋକପାତ କରିଥିବା ବେଳେ ନରେଶ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

### ଏସିଡ୍ ଶିକାର ପୀଡ଼ିତାଙ୍କୁ ଆଇନ ସଚେତନତା

ଜୟପୁର,୨୨।୯(ଡି.ଏନ୍.ଏ.): କୋରାପୁଟ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏସିଡ୍ ଦ୍ୱାରା ଶିକାର ହେଉଥିବା ପୀଡ଼ିତାଙ୍କୁ ଆଇନଗତ ସହାୟତା ପାଇଁ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲାଜଜ୍ ବିମଳ ଚାନ୍ଦ ଯୋଗଦେଇ କହିଥିଲେ, ଛାତ୍ରୀ ଓ ବାଳିକାମାନେ ଏସିଡ ଆକ୍ରମଣର ଶିକାର ହୋଇ ସେମାନଙ୍କ ଭବିଷ୍ୟତ ନଷ୍ଟ ହୋଇଯାଇଛି। ସେହିଭଳି ପୀଡ଼ିତାଙ୍କୁ ଆଇନ ପ୍ରାଧିକରଣ ପକ୍ଷରୁ ଅର୍ଥ ସହାୟତା, ଚିକିତ୍ସା ଖର୍ଚ୍ଚ ବହନ କରିବା ସହ ଅନ୍ୟ ଆଇନଗତ ସହାୟତା ବାବଦରେ ଜଜ୍ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଭିଜିଲାନ୍ସ ଜଜ୍ ଶ୍ରୀକାନ୍ତ ମିଶ୍ର, ଏଡିଜେ ରାଜକିଶୋର ଲେଙ୍କା, ସିଭିଲ ଜଜ୍ ଲୋପାମୁଦ୍ରା ପଣ୍ଡା, ପ୍ରାଧିକରଣ ସଚିବ କନକ ମଞ୍ଜରୀ ପଟ୍ଟନାୟକ, ଏସ୍‌ଡିଜେଏମ୍ ଜନ୍ମେଜୟ ପଲେଇ, ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ପ୍ରଭାତ ସାମଲ, ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟ ଭାନୁପ୍ରତାପ ମିଶ୍ର, ସୁରକ୍ଷିତ ମିଶ୍ର, ସୁନିତି ମିଶ୍ର ଉପସ୍ଥିତ ଥିଲେ। ଏସିଡ୍ ପୀଡ଼ିତାଙ୍କୁ ଆଇନ ସହାୟତା ପାଇଁ ସ୍ଥାନୀୟ ସିଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା।

### ହରି ମୁଦୁଲି ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ



କୋରାପୁଟ,୨୨।୯(ସ୍ୱ.ପ୍ର.): କୋରାପୁଟ ପୌରପରିଷଦ ରେଲିକୁମ୍ବାରେ ଶୁକ୍ରବାର ହରି ମୁଦୁଲି ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ପୂର୍ବତନ ପୌରାଧକ୍ଷ ଭଗବାନ ବାହିନୀପତି ମୁଖ୍ୟ ଅତିଥି ଭାବେ ଶୁଭାରମ୍ଭ କରିଥିଲେ। ଗ୍ରାମରେ ଲୁକ୍କାୟିତ ଅବସ୍ଥାରେ ଥିବା କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରିବାରେ ଏପରି ପ୍ରତିଯୋଗିତା ସହାୟକ ହେବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ମଧୁସୂଦନ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ କୋରାପୁଟ ଜିଲା ଗ୍ରାମାଞ୍ଚଳର ୧୬୦ଟି ଦଳ ଅଂଶଗ୍ରହଣ କରିବେ।

■ ଖାଦ୍ୟ ସୁରକ୍ଷା, ରୋଜଗାର ବୃଦ୍ଧି ପ୍ରକଳ୍ପ ଉଦ୍‌ଘାଟିତ

# ସ୍ୱାବଲମ୍ବୀ ହେବେ ଯୁବଚାଷୀ

କୋରାପୁଟ,୨୨।୯(ସ୍ୱ.ପ୍ର.)




ପ୍ରକଳ୍ପର କାର୍ଯ୍ୟ ଖସଡ଼ା ଓ ବଜେଟ ସମ୍ପର୍କିତ ପୁସ୍ତକ ଉନ୍ମୋଚନ କରୁଛନ୍ତି ଅତିଥି।

କୋରାପୁଟ ବ୍ଲକର ଦୟାନିଧିଗୁଡ଼ା ଗ୍ରାମରେ ଥିବା ପ୍ରଗତି କୃଷକ କ୍ଷେତ୍ର ବିଦ୍ୟାଳୟରେ ଦକ୍ଷିଣ ଓଡ଼ିଶାର ଆଦିବାସୀ ଯୁବକଙ୍କ ସଶକ୍ତିକରଣ ଦ୍ୱାରା ଖାଦ୍ୟ ସୁରକ୍ଷା ଓ ରୋଜଗାର ବୃଦ୍ଧି ପ୍ରକଳ୍ପ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପ୍ରଗତି, ଡେବଡେବା ଫାଉଣ୍ଡେସନ, ଅନ୍ତର୍ଜାତୀୟ କୃଷି ବିକାଶ ପାଣ୍ଠି, ସ୍ଥାନୀୟ ଅଧିବାସୀଙ୍କ ମିଳିତ ସହଯୋଗରେ ଏହା କରାଯାଇଛି। କୋରାପୁଟ ବ୍ଲକର ୧୦୦୦ ଯୁବ ଚାଷୀଙ୍କ ପାଇଁ ଏହି ପ୍ରକଳ୍ପ ୨୦୧୯ ସେପ୍ଟେମ୍ବର ପହିଲାରୁ ୨୦୨୧ ଫେବୃଆରୀ ଯାଏ କାର୍ଯ୍ୟକାରୀ ହେବ ବୋଲି ପ୍ରଗତିର ସମ୍ପାଦକ ପ୍ରଭାକର ଅଧିକାରୀ କହିଛନ୍ତି। ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଶଶିଭୂଷଣ ରାଉତ ମୁଖ୍ୟ ଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କୃଷି ଅଧିକାରୀ ସୁବ୍ରତ ରଥ ଉନ୍ନତ ପ୍ରଣାଳୀରେ କୃଷି ତଥା ବଜାର ବ୍ୟବସ୍ଥାରେ ସାମିଲ ହୋଇ ସ୍ୱାବଲମ୍ବୀ ହେବା ପାଇଁ ଯୁବ ଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ପାର୍ବତୀ ମନ୍ତ୍ରି, କେନ୍ଦାର ଓ ମନ୍ତ୍ରିପୁଟ ସରପଞ୍ଚ, କୋରାପୁଟ ଜିଲା ବନବାସୀ ସଂଘ ସଂପାଦକ ସୁରେନ୍ଦ୍ର ମନ୍ତ୍ରି ଯୋଗ ଦେଇଥିଲେ। ଏହି ଅବସରରେ ପ୍ରକଳ୍ପର କାର୍ଯ୍ୟ ଖସଡ଼ା ଓ ବଜେଟ ସମ୍ପର୍କିତ ପୁସ୍ତକ ଉନ୍ମୋଚିତ ହୋଇଥିଲା। ପ୍ରକଳ୍ପରେ ସଙ୍ଗଠନ ପାଇଁ ଯୁବ ଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି, ଯୁବ ଚାଷୀଙ୍କୁ ଉନ୍ନତ ପ୍ରଣାଳୀର ଚାଷ ପାଇଁ ସହାୟତା, ଜୈବିକ କୃଷି ସମ୍ବନ୍ଧୀୟ ପ୍ରଶିକ୍ଷଣ, ଉତ୍ପାଦକ ଗୋଷ୍ଠୀ ଓ କମ୍ପାନୀ ଗଠନ, ସଘନ ପ୍ରଣାଳୀରେ ଚାଷ, ଜୈବିକ ଖତ ପ୍ରସ୍ତୁତି ପାଇଁ ସହାୟତା, ବିହନ ପାଣ୍ଠି, କୃଷକ ସମାବେଶ ଓ ବିହନମେଳା କରାଯିବା ପାଇଁ ବ୍ୟବସ୍ଥା ରହିଛି।

# ‘ଖବରଦାତା ସୁରକ୍ଷିତ ନ ହେଲେ ଅସୁରକ୍ଷିତ ହେବ ଗଣତନ୍ତ୍ର’

କୋରାପୁଟ,୨୨।୯(ସ୍ୱ.ପ୍ର.)

ଖବରଦାତାଙ୍କୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବାବେଳେ ସେମାନଙ୍କ ସୁରକ୍ଷା ପାଇଁ ସରକାର ପଦକ୍ଷେପ ନେବା ଜରୁରୀ। ଖବରଦାତାଙ୍କ ସୁରକ୍ଷା ନ ହେଲେ ଗଣତନ୍ତ୍ର ଅସୁରକ୍ଷିତ ପାଲଟିଯିବ। ଶନିବାର ଆୟୋଜିତ ଆଇଜେୟୁର ରାଜ୍ୟ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ମଧୁସୂଦନ ମିଶ୍ର ଏହା କହିଛନ୍ତି। କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଆୟୋଜିତ ଏହି ସମାବେଶରେ ଆଇଜେୟୁ ସହ ଅନୁବନ୍ଧିତ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ନିରଞ୍ଜନ ବିଶ୍ୱାଳ ଅଧକ୍ଷତା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପୂର୍ବତନ ପିସିଆଇ ସଦସ୍ୟ ତଥା ଆଇଜେୟୁ ଜାତୀୟ କାର୍ଯ୍ୟକାରୀ ସଦସ୍ୟ ମିହିର ଗାଙ୍ଗୁଲି, ସାମ୍ବାଦିକ ପ୍ରମୋଦ ମଲ୍ଲିକ, ରାକେଶ ପାଢ଼ୀ ଖବରଦାତାଙ୍କ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ସୁଧାଂଶୁ ଶେଖର ବଡ଼ଜେନା, ଉପସଭାପତି ଭାବେ ବିଷ୍ଣୁପଦ ମହାନ୍ତି, ସାଧାରଣ ସମ୍ପାଦକ ଭାବେ ନିରଞ୍ଜନ ବିଶ୍ୱାଳ, ସମ୍ପାଦକ ଭାବେ ତପନ ସିହ୍ନା, ପୁରେନ୍ଦ୍ର ବାରିକ ନିର୍ବାଚିତ ହୋଇଥିଲେ। ସଂଘର ଜିଲା ସଭାପତି ଘନଶ୍ୟାମ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଉଁଶ କାରିଗରି ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି ଅତିଥି।

ବୈପାରୀଗୁଡ଼ା,୨୨।୯(ଡି.ଏନ୍.ଏ.)

ବୈପାରୀଗୁଡ଼ା ବନାଞ୍ଚଳ ଦଲପୁରଠାରେ ଭାରତ ସରକାରଙ୍କ ପକ୍ଷରୁ ନିର୍ମିତ ବାଉଁଶ କାରିଗରୀ ପ୍ରଶିକ୍ଷଣ କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଜାତୀୟ ବାମ୍ବୁ ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଏ.କେ. ପାଠକ ଏହା ଶୁଭାରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଆର୍‌ସିଏଫ୍ ସୁଦିପ୍ତ ଦାସ, ଡିଏଫ୍‌ଓ ଜୟପୁର ଏ.କେ. କରଙ୍କ ସମେତ ବୈପାରୀଗୁଡ଼ା ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ସୂଚନା ଦେଇ କହିଛନ୍ତି ଯେ ଉକ୍ତ କେନ୍ଦ୍ରରେ ୧୧ ଲକ୍ଷ ଟଙ୍କା ମୂଲ୍ୟର ବାମ୍ବୁ ପ୍ରୋସେସିଂ ୟୁନିଟ୍ ରହିଛି। ମାଠପଡ଼ା ଓ ରାମଗିରି ବନ ସୁରକ୍ଷା ସମିତିର ସଦସ୍ୟଙ୍କୁ ବାଉଁଶ ହସ୍ତଶିଳ୍ପ ଉପରେ ତାଲିମ ଦିଆଯିବ। ସେମାନେ ପାରମ୍ପରିକ ତଥା ଅତ୍ୟାଧୁନିକ ବାଉଁଶରେ ନିର୍ମିତ ଉପକରଣ ବନାଇବା ପରେ ବନ ବିଭାଗ ସେସବୁର ବଜାର ସୁବିଧା କରିବ। ମେଶିନ ସାହାଯ୍ୟରେ ନିର୍ମିତ ଏସବୁ ଉପକରଣ ଦେଖିବାକୁ ସୁନ୍ଦର ଓ ଏହାର ସ୍ଥାୟିତ୍ୱ ଅଧିକ। ବାଉଁଶ ଚାଷ ପାଇଁ ଲୋକଙ୍କୁ ସଚେତନ କରାଯିବ। ପ୍ରତି ବାଉଁଶ ପାଇଁ ୩ ବର୍ଷକୁ ୩୨୦ ଟଙ୍କା ସରକାରୀ ଭାବେ ପ୍ରୋତ୍ସାହନ ରାଶି ମିଳିବ ବୋଲି ସେ କହିଥିଲେ।

# ପୋଷଣ ଶୋଭାଯାତ୍ରାର ଶୁଭାରମ୍ଭ

କୋରାପୁଟ,୨୨।୯(ସ୍ୱ.ପ୍ର.)




ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ଜିଲାପାଳ।

ଜାତୀୟ ପୁଷ୍ଟି ମାସ ଉପଲକ୍ଷେ ପ୍ରତି ଘରେ ପୋଷଣ ବ୍ୟବହାର ଉପରେ ଲୋକଙ୍କୁ ସଚେତନ କରିବା ପାଇଁ ଶନିବାର କୋରାପୁଟରେ ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ପୋଷଣ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ସବୁଜ ପତକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଚଳିତ ମାସ ପହିଲାରୁ ୩୦ ତାରିଖ ଯାଏ ଜାତୀୟ ପୁଷ୍ଟି ମାସ ପାଳନ କରାଯାଉଛି। ଏହି ଅବସରରେ ଶିଶୁ ଜନ୍ମରୁ ପ୍ରଥମ ୧୦୦୦ ଦିନ ପାଇଁ ଯତ୍ନ, ରକ୍ତହୀନତାର ପ୍ରତିକାର, ଅତିରିକ୍ତ ତରଳ ଝାଡ଼ା (ହାଇରିଆ)ର ପରିଚାଳନା, ହାତଧୁଆ, ସ୍ୱାସ୍ଥ୍ୟ, ପରିମଳ ଓ ନିରାପଦ ପାନୀୟ ଜଳର ବ୍ୟବସ୍ଥା, ବିବିଧତାପୂର୍ଣ୍ଣ ପରିପୂରକ ପୌଷ୍ଟିକ ଆହାର ବିଷୟରେ ଦୃଷ୍ଟି ଦେଇ ଅପପୁଷ୍ଟି ରୋକିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ମିଶନ ଶକ୍ତିର ଜିଲା ସଂଯୋଜିକା ବିନୋଦିନୀ ବେହେରା, ଆଇସିଡିଏସ୍‌ର ଜିଲା ପରିଚାଳିକା ମମତା ମହାନ୍ତି, ରାଜଲକ୍ଷ୍ମୀ ବେହେରା, ସୀମା ବେହେରା ଉପସ୍ଥିତ ଥିଲେ।

# ଗାଁ ପାଇଁ ଦୁର୍ଦ୍ଦଶା ଆଣିଛି ଡ୍ରେନ୍

ଦଶମନ୍ତପୁର,୨୨।୯(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ପରଜା ବେଡ଼ାପଦର ଗ୍ରାମରେ ଡ୍ରେନେଜ ବ୍ୟବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ତେଜିବାରେ ଲାଗିଛି। ଗ୍ରାମରେ ଶତାଧିକ ପରିବାର ରହୁଛନ୍ତି। ମଙ୍ଗରାଗୁଡ଼ା ଗାଁ ଛକରୁ ପି. ବେଡାପଦର ଯାଏ ପ୍ରାୟ ୪ କିମି ଦୂରତା। ୨୦୦୬ରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପକ୍କା ରାସ୍ତା ନିର୍ମାଣ କରାଯାଇଥିବା ବେଳେ ନିମ୍ନମାନର ଡ୍ରେନ ଯୋଗୁ ଗ୍ରାମବାସୀ ସମସ୍ୟା ଭୋଗୁଛନ୍ତି। ଡ୍ରେନ୍ ଏବେ ଆବର୍ଜନାରେ ଭର୍ତ୍ତି ହୋଇଛି। ଡ୍ରେନ୍ କଡ଼ରେ ଥିବା ଷ୍ଟାଣ୍ଡପୋଷ୍ଟରେ ଗାଁଲୋକ ବାସନକୁସନ ଧୋଉଥିବା ବେଳେ ସେହି ପାଣି ସେହିଠାରେ ଅଟକି ରହୁଛି। ସେହିପରି ଗାଁ ପାଖ ପାରାମୁଣ୍ଡା ପାହାଡ଼ରୁ ବର୍ଷାପାଣି ବୋହି ଆସିବା ବେଳେ ଆବର୍ଜନା ଭସାଇଆଣି ଡ୍ରେନ୍ ଭର୍ତ୍ତି କରିଦେଉଛି। ଫଳରେ ଡ୍ରେନ୍ ପୋତିହେବା ସହ ନିଷ୍କାସିତ ହୋଇ ନପାରି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ପୂର୍ବରୁ ଗାଁରେ ଦୂଷିତ ପରିବେଶରୁ ସୃଷ୍ଟ ରୋଗ ପାଇଁ ୨୦୦୭ରେ ୭ ଜଣଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଥିଲା। ସେଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସରପଞ୍ଚ ମଙ୍ଗଳି ଜାନୀ, ସମିତି ସଭ୍ୟ ବାଘ ଜାନୀ, ସବା ମୁଦୁଲି, ନୀଳଗିରି ଜାନୀ, ମାଟି ଜାନୀ, ସାଦୁ ମୁଦୁଲି, ନରସିଂହ ମୁଦୁଲି, ଦୈତାରି ମୁଦୁଲି ଦାବି କରିଛନ୍ତି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପ୍ରଶ୍ନ କରିବାରୁ ସେ ଏ ଡ୍ରେନ ବିଷୟରେ କିଛି କହିପାରିବେ ନାହିଁ ବୋଲି କହିଥିଲେ। ପଞ୍ଚାୟତ ପକ୍ଷରୁ ଗାଁର ଡ୍ରେନ ପୁନର୍ବାର ନିର୍ମାଣ କରାଯିବା ପାଇଁ ଗ୍ରାମବାସୀ କହିଛନ୍ତି। ଏନେଇ ସରପଞ୍ଚ ମଙ୍ଗୁଳି ଜାନୀ ପଞ୍ଚାୟତ ତରଫରୁ ଡ୍ରେନ୍‌ର ବ୍ୟବସ୍ଥା କରିବା ପାଇଁ ବିଡିଓ ଉମ୍ଭୁଧର ମଲ୍ଲିକଙ୍କ ସହ ଯୋଗାଯୋଗ କରିବେ ବୋଲି କହିଛନ୍ତି।

■ ଆୟୁର୍ବେଦ ଔଷଧ ବିକ୍ରେତା-କ୍ରେତା କର୍ମଶାଳା

# ଚେରମୂଳି, ତାଳପତ୍ର, ଦେଶୀ ଔଷଧ ପ୍ରଦର୍ଶନୀ

ଜୟପୁର,୨୨।୯(ନି.ପ୍ର.)



ବିଭିନ୍ନ ଚେରମୂଳି, ଦେଶୀ ଔଷଧ ଓ ତାଳପତ୍ରର ପ୍ରଦର୍ଶନୀ।

ଜୟପୁର ବନଖଣ୍ଡ ଏବଂ ଏମ୍.ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଦିଶାରୀ, ଔଷଧୀୟ ଉଦ୍ଭିଦ ଉତ୍ପାଦନକାରୀ, ଆୟୁର୍ବେଦିକ ଔଷଧ ବିକ୍ରେତା ଓ କ୍ରେତାଙ୍କୁ ନେଇ ୨ ଦିନିଆ ଆବାସିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଆଦିବାସୀ କୃଷି ଜୈବ ବିବିଧତା କେନ୍ଦ୍ରରେ ଆୟୋଜିତ ଏହି କର୍ମଶାଳାକୁ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏ.କେ. ପାଠକ ଉଦ୍‌ଘାଟନ କରିଥିଲେ। ଆରସିସିଏଫ୍ ସୁଦିପ୍ତ ଦାସ ସ୍ୱାଗତ ଭାଷଣ ଓ ଫାଉଣ୍ଡେସନର ନିର୍ଦ୍ଦେଶକ କ୍ରିଷ୍ଣକୁମାର କେ. ନଭଲାତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବର୍ତ୍ତମାନ ଏଲୋପାଥିକ ଯୁଗରେ ଆୟୁର୍ବେଦିକ ଔଷଧର ଗୁରୁତ୍ୱ, ଏହାର ସଂରକ୍ଷଣ, ଚାଷ ଓ ବ୍ୟବସାୟ ଉପରେ ଅନୁଷ୍ଠାନର ବୈଜ୍ଞାନିକ କାର୍ତ୍ତିକ ଚରଣ ଲେଙ୍କା ତାଲିମ ଦେଇଥିଲେ। ନୂଆଦିଲ୍ଲୀର ଜାତୀୟ ଔଷଧୀୟ ଉଦ୍ଭିଦ ବୋର୍ଡରୁ ଆସିଥିବା ପରାମର୍ଶଦାତା ହରମୋହନ ମହାରଥୀ, ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ ପରାମର୍ଶଦାତା ଅନିଲ ଦାସ, ଜୟପୁର ଆମ୍ବ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଜି.ଏସ୍. ବରିହା, କୋରାପୁଟ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମାନସ ରଞ୍ଜନ ନାୟକ, ଅତିରିକ୍ତ ଉଦ୍ୟାନବିତ୍ ପ୍ରମୋଦ ସେଠୀ, କୋରାପୁଟ ବନଖଣ୍ଡ ଅଧିକାରୀ ରିଙ୍କୁ କୁମାରୀ ଉପସ୍ଥିତ ଥିଲେ। ଜୟପୁର ବନଖଣ୍ଡୀୟ ଅଧିକାରୀ ଅଶ୍ୱିନୀ କର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ଚେରମୂଳି ଔଷଧ, ଏ ସମ୍ପର୍କିତ ତାଳପତ୍ର ପ୍ରଦର୍ଶିତ ହୋଇଥିଲା। ଶେଷରେ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ନୋଡାଲ ଅଫିସର ଏମ୍. ମୋତିଲାଲ ଧନ୍ୟବାଦ ଦେଇଥିବା ବେଳେ ବୈଜ୍ଞାନିକ ପ୍ରଶାନ୍ତ ପରିଡ଼ା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରକ୍ତଦାନ ଶିବିର



ଅତିଥିଙ୍କ ଗହଣରେ ଜଣେ ଛାତ୍ରୀ ରକ୍ତ ଦେଉଛନ୍ତି।

ଜୟପୁର,୨୨।୯(ନି.ପ୍ର.)

ଏନ୍‌ଏସ୍‌ଏସ୍ ଓ ୟୁଥ୍ ରେଡକ୍ରସ୍ ଆନୁକୂଲ୍ୟରେ ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଓ ରାଷ୍ଟ୍ରୀୟ ସେବା ଯୋଜନାର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ଏହି ଶିବିରରେ ଅଧକ୍ଷା ମନୋରମା ଦେବୀଙ୍କ ସମେତ ୫୨ ଜଣ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ରକ୍ତଦାନ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ମନୋରଞ୍ଜନ ପ୍ରଧାନ, ସିଦ୍ଧାନନ୍ଦ ପ୍ରଧାନ, କନକଲତା ମହାପାତ୍ରଙ୍କ ନେତୃତ୍ୱରେ ୫୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ଶିକ୍ଷକ-ଅଭିଭାବକ ସମ୍ମିଳନୀ

କୁନ୍ଦୁରା,୨୨।୯(ଡି.ଏନ୍.ଏ.):

ସ୍ଥାନୀୟ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅଧକ୍ଷ ହୃଦୟରଞ୍ଜନ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା କମିଟିର ସଭ୍ୟ ପଞ୍ଚାନନ ଗୌଡ଼ ଅତିଥି ଭାବେ ଯୋଗ ଦେଇଥିଲେ। ଇଂରାଜୀ ଅଧ୍ୟାପକ ସୁଶାନ୍ତ ବେହେରାଙ୍କ ଅଭିଭାବକଙ୍କୁ ସ୍ୱାଗତ କରିଥିଲେ। ଶ୍ରେଣୀରେ ୭୫ ପ୍ରତିଶତ ଉପସ୍ଥାନ, ଇଣ୍ଟରନେଟ୍ ଦ୍ୱାରା ମହାବିଦ୍ୟାଳୟର ବିଭିନ୍ନ କାର୍ଯ୍ୟ, ଛାତ୍ରବୃତ୍ତି ତଥା ମେଧାବୃତ୍ତି, ୟୁନିଫର୍ମ ସମ୍ପର୍କରେ ଏଥିରେ ଅଭିଭାବକଙ୍କ ସହ ଆଲୋଚନା କରାଯାଇଥିଲା। ଅଭିଭାବକମାନେ ମହାବିଦ୍ୟାଳୟ ସହ ସମ୍ପର୍କ ରଖିବା, ନିଜ ପିଲାଙ୍କ ଉଚ୍ଚଶିକ୍ଷା ପ୍ରତି ଯତ୍ନବାନ ହେବା, ନିୟମିତ ସେମାନଙ୍କୁ କ୍ଲାସ୍‌କୁ ପଠାଇବାକୁ ପରାମର୍ଶ ଦେଇଥିଲେ ଅତିଥି ଗୌଡ଼। ଶେଷରେ ଅଧ୍ୟାପିକା ରଶ୍ମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଶିକ୍ଷକ-ଅଭିଭାବକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# ଉଚିତ ସେବାରେ ଲାଗୁନି ରାଜୀବ ଗାନ୍ଧୀ ସେବାକେନ୍ଦ୍ର

ଜୟପୁର,୨୨।୯(ଡି.ଏନ୍.ଏ.)



ରାଜୀବ ଗାନ୍ଧୀ ସେବାକେନ୍ଦ୍ର।

ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରିଥିବା ରାଜୀବ ଗାନ୍ଧି ସେବାକେନ୍ଦ୍ର ଲୋକଙ୍କ ସେବାରେ ଆସୁନାହିଁ। ସେଥିରୁ ଅଧିକାଂଶ ଅବ୍ୟବହୃତ ହୋଇ ପଡ଼ିଥିବା ବେଳେ କିଛି ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟର ଗୋଦାମ ଗୃହ ପାଲଟିଛି। କୋରାପୁଟ ଜିଲାର ୧୪ଟି ବ୍ଲକ, ୨୪୦ ପଞ୍ଚାୟତ ମଧ୍ୟରୁ ୨୨୬ଟିରେ ରାଜୀବ ଗାନ୍ଧି ସେବାକେନ୍ଦ୍ର ନିର୍ମାଣ ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ସେଥିରୁ ୨୦୨ଟି ନିର୍ମାଣ ହୋଇଥିବା ବେଳେ ବାକି ୨୪ଟି ନିର୍ମାଣାଧୀନ ରହିଛି। କିନ୍ତୁ ଜିଲାର ଜୟପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧି ସେବାକେନ୍ଦ୍ର ଅଦରକାରୀ ସାମଗ୍ରୀର ଗୋଦାମ ପାଲଟିଛି। ସେହିପରି ବ୍ଲକର ଡଙ୍ଗରଛିଞ୍ଚ, ଉମୁରୀ, ଟାଙ୍କୁଆ, ବାରିଣିପୁଟ, କାଳିଆଗାଁ, ଆମ୍ବାଗୁଡ଼ା, ରଣ୍ଡାପାଲୀ ପଞ୍ଚାୟତରେ ଥିବା ଏହି ସେବାକେନ୍ଦ୍ରରେ ଚାଉଳ ଓ ଅନ୍ୟ ସାମଗ୍ରୀର ଗୋଦାମ ପାଲଟିବା ସହ ବାହାର ଲୋକଙ୍କ ଆଡ୍ଡା ସେଠାରେ ହେଉଛି। ଏହି ସେବାକେନ୍ଦ୍ର ଲୋକଙ୍କ ସେବାରେ ଲାଗିବା ପାଇଁ ତୁରନ୍ତ ପଦକ୍ଷେପ ହେବା ପାଇଁ ଦାବି ହୋଇଛି। ଏନେଇ ଜୟପୁର ବିଡିଓ ସୂରଜ ପଟ୍ଟନାୟକ କହିଛନ୍ତି, ପଞ୍ଚାୟତ ଓ ବ୍ଲକର ଏହି ଭବନ ଅନ୍ୟ ବିଭାଗ କାର୍ଯ୍ୟରେ ଆସୁଥିବା ବେଳେ ଅଳ୍ପସଂଖ୍ୟକ ଲୋକଙ୍କୁ ନେଇ ହେଉଥିବା ବୈଠକ ଏଠାରେ ଆୟୋଜିତ ହୋଇଥାଏ। ଉଲ୍ଲେଖଯୋଗ୍ୟ, ବ୍ଲକ ମୁଖ୍ୟାଳୟରେ ୨୫ ଲକ୍ଷ ଟଙ୍କା ବ୍ୟୟରେ ଏହି ଭବନ ନିର୍ମିତ ହୋଇଥିବା ବେଳେ ପଞ୍ଚାୟତ ସଦରରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହି ଭବନ ନିର୍ମିତ ହୋଇଛି।

ଧରିତ୍ରୀ
DHARITRI
ସୋମବାର, ୨୩ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ



### ପଞ୍ଚାୟତସ୍ତରୀୟ କେନ୍ଦ୍ର ଶ୍ରେଣୀ ବୈଠକ

ମୁନିଗୁଡ଼ା,୨୨।୯(ଡ଼ି.ଏନ୪.ଏ): ରାୟଗଡ଼ା ଜିଲା ମୁନିଗୁଡ଼ା ନିକଟବର୍ତ୍ତୀ ହୁକୁମତୋଳା ସେବାଶ୍ରମ ପରିସରରେ ରବିବାର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ସମୂହର ବିଷମକଟକ ପଞ୍ଚାୟତସ୍ତରୀୟ କେନ୍ଦ୍ର ଶ୍ରେଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ନବାଗତା ସମ୍ପ୍ରସାରଣ ଅଧିକାରୀ ଶୁଭପ୍ରଦା ସାସ୍ମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୁଣପୁର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଭୂଷଣ ମହାନ୍ତି ମୁଖ୍ୟ ଅତିଥି, ସାମାଜିକ କର୍ମୀ ଗୌରାଙ୍ଗଚରଣ ରାଉତ ମୁଖ୍ୟବକ୍ତା,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦୁଷ୍ମନ୍ତ କୁମାର ପୃଷ୍ଟି ଓ ତାଙ୍କ ପତ୍ନୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କେନ୍ଦ୍ର ଶ୍ରେଣୀ ସମ୍ପାଦକ ଅଜିତ୍ କୁମାର ପାଢୀ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ସେବାଶ୍ରମ ଛାତ୍ରୀ ରିମିତା ସିକ୍କା, ସବିତା ସିକ୍କା, ବାସନ୍ତୀ କୁଟ୍ରୁକା, ଜୁଲି ଜାଗାରାଙ୍ଗା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ନବାଗତା ସମ୍ପ୍ରସାରଣ ଅଧିକାରୀ ସାସମଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବିଦାୟୀ ଅଧିକାରୀ ପୃଷ୍ଟିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଭାରପ୍ରାପ୍ତ ପ୍ରଧାନ ସେବକ ତପନ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ ।

### ଶାଳ କାଠ ଜବତ, ଜଣେ ଗିରଫ



ଗୁଡ଼ାରୀ,୨୨।୯(ଡ଼ି.ଏନ.ଏ): ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ସନ୍ଧିଖଲା ନିକଟରୁ ବନ ବିଭାଗ କର୍ମଚାରୀମାନେ ଶାଳ କାଠ ଜବତ କରିବା ସହ ଜଣଙ୍କୁ ଗିରଫ କରିଛନ୍ତି । ଏଥିସହ ଏକ ବାଇକ୍‌କୁ ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଜଙ୍କବା ମାଝି(୨୪) । କେନ୍ଦୁଗୁଡ଼ା ସେକ୍ସନ ଫରେଷ୍ଟର ସୁରେଶଚନ୍ଦ୍ର ପାତ୍ର, ଶିବ ପ୍ରଧାନ, ସରସ୍ୱତୀ ଶବର ଓ ରାମେଶ୍ୱରୀ ସାହୁ ପ୍ରମୁଖ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ କାଠ ଜବତ କରିଥିଲେ ।

### ବ୍ଲକସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା

କୋଲନରା,୨୨।୯(ଡି.ଏନ୍.ଏ.): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାୟଗଡା ଜିଲା କୋଲନରା ବ୍ଲକ ସଦରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ରବିବାର ବ୍ଲକ ସ୍ତରୀୟ ସାଧାରଣଜ୍ଞାନ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୋଲନରା ବିଡିଓ ତାପସ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କର ଦୈନନ୍ଦିନ ଜୀବନ ଉପରେ କହିଥିଲେ । ସମ୍ମାନିତ ଅତିଥି ଭାବେ ଦରଦମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଜେନ୍ଦ୍ର ନାଥ ମିଶ୍ର ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ମୋଟ ୧୧୧ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୯ଜଣ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ବିଇଓ ଏମ୍. ଖଗେଶ୍ୱର ରାଓ ପ୍ରକାଶ କରିଛନ୍ତି । ଏଥିରେ ରାୟଗଡା ୟୁନିସେଫ୍ ସଭ୍ୟ ବିପିନ ବିହାରୀ ବାରିକ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷାଧିକାରୀ ପରିଚାଳନା କରିଥିବା ବେଳେ ସିଆରସିସି, ମହାବିଦ୍ୟାଳୟ ଅଧକ୍ଷ, ପ୍ରଧାନଶିକ୍ଷକ ତଥା ସହକାରୀ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ପାହାଡ଼ ଚଢ଼ିଲେ, ସମସ୍ୟା ବୁଝିଲେ

ଗୁଡ଼ାରୀ,୨୨।୯(ଡ଼ି.ଏନ.ଏ)

**ଦୁର୍ଗମ ଅଞ୍ଚଳ ଲଦ୍ରିରେ ବିଧାୟକ**

- ସ୍କୁଲ ସଭାପତିଙ୍କ ବାରଣ୍ଡାରେ ଚାଲିଛି ଅଙ୍ଗନୱାଡ଼ି, ବିଦ୍ୟାଳୟ
- ଝରଣା ପାଣି ହିଁ ଭରସା
- ସରକାରୀ ଯୋଜନାରୁ ବଞ୍ଚିତ ଗ୍ରାମବାସୀ



ବିଧାୟକ ଓ ଅନ୍ୟମାନେ ପାହାଡ଼ ଚଢି ଯାଇ ଗାଁକୁ ଯାଉଛନ୍ତି ।

ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ରାୟଗଡ଼ା ଜିଲା ଗୁଡ଼ାରୀ ବ୍ଲକ ପେଣ୍ଡିଲି ପଞ୍ଚାୟତ ଅନ୍ତର୍ଗତ ଲଦ୍ରି ଗାଁ ପରିଦର୍ଶନ କରିଛନ୍ତି। ସେ ପାହାଡ଼ ଚଢି ଗ୍ରାମରେ ପହଞ୍ଚି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ । ଗ୍ରାମବାସୀ କେତେ ସମସ୍ୟାରେ ରହିଛନ୍ତି ତାହା ହୃଦୟଙ୍ଗମ କରିଥିଲେ ।

ପେଣ୍ଡିଲି ପଞ୍ଚାୟତ କାର୍ଯ୍ୟାଳୟରୁ ପ୍ରାୟ ୮ କିମି ଏବଂ ଆରଡ଼ି ରାସ୍ତା ବଙ୍ଗାଙ୍ଗଠାରୁ ପ୍ରାୟ ୩ କିମି ଦୂର ପାହାଡ଼ ଉପରେ ଏହି ଗାଁ ଅବସ୍ଥିତ । ଏଠାରେ ପ୍ରାୟ ୪୦ ଗୋଟି କନ୍ଧ ସମ୍ପ୍ରଦାୟର ପରିବାର ବସବାସ କରନ୍ତି । ଗାଁକୁ ରାସ୍ତା ନ ଥିବାରୁ ଲୋକେ ପାହାଡ଼ିଆ ରାସ୍ତା ଦେଇ ଯାଆସ କରିଥାନ୍ତି । ତେଣୁ ଲୋକେ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ । ଏଠାରେ ନଳକୂପଟି ମଧ୍ୟ ନାହିଁ । ତେଣୁ ଗ୍ରାମବାସୀ ପିଇବା ପାଣି ଆଣିବା ନିମନ୍ତେ ଏକ କିମି ଦୂର କୂଅ ଓ ଝରଣା ଉପରେ ନିର୍ଭର କରିଥାନ୍ତି । ଅଙ୍ଗନୱାଡ଼ି ଅଛି ସତ ହେଲେ ନିଜସ୍ୱ ଗୃହ ନାହିଁ । ସେହିପରି ବିଦ୍ୟାଳୟ ଅଛି, କିନ୍ତୁ ତାହା ଅକାମୀ । ସ୍କୁଲ ସଭାପତି ପେଟା ଡୁଡୁକାଙ୍କ ବାରଣ୍ଡାରେ ଉଭୟ ଅଙ୍ଗନୱାଡ଼ି ଓ ବିଦ୍ୟାଳୟ ହିଁ ଚାଲୁଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ଗ୍ରାମବାସୀଙ୍କ ସମସ୍ୟା ଶୁଣିବା ପରେ ବିଧାୟକ ଦୁଃଖ ପ୍ରକାଶ କରିଥିଲେ । ଖୁବ୍‌ଶୀଘ୍ର ଗ୍ରାମକୁ ରାସ୍ତା ନିର୍ମାଣ ନିମନ୍ତେ ଜିଲା ପ୍ରଶାସନ ସହ ଆଲୋଚନା କରିବେ ବୋଲି କହିଥିଲେ । ଏଥିସହ ପାଣିର ସୁବିଧା ନିମନ୍ତେ ନିକଟସ୍ଥ ଝରଣାରେ ଏକ ବଡ଼ ସିମେଣ୍ଟ କୁଣ୍ଡ କରିବାକୁ ବ୍ଲକ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଖୁବ୍‌ଶୀଘ୍ର ରାସ୍ତା ଓ ପାନୀୟ ଜଳର ସୁବିଧା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଗସ୍ତ ସମୟରେ ବିଧାୟକଙ୍କ ସହ ଦଳୀୟ ନେତା ସନ୍ତୋଷ ମହାନ୍ତି, କେଦାର ସାହୁ, ଏମ. ପ୍ରସାଦ, ସୁବାସ ଗୌଡ଼ଙ୍କ ସମେତ ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।



ଉପସ୍ଥିତ କର୍ମକର୍ତ୍ତା ଏବଂ ସଦସ୍ୟମାନେ ।

## ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ବୈଠକ

ରାମନାଗୁଡ଼ା,୨୨।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଗୋଗୁପାଡୁ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲାର ୧୧ଟି ବ୍ଲକରେ କାର୍ଯ୍ୟରତ ପିଅନ, ରାତ୍ର ଜଗୁଆଳି, ଝାଡୁଦାରମାନେ ଉପସ୍ଥିତ ଥିଲେ । ବର୍ଷ ବର୍ଷ ଧରି ମାସିକ ୫୦୦ରୁ ୧୫୦୦ ଟଙ୍କା ମଧ୍ୟରେ ପାରିଶ୍ରମିକ ପାଇ ସରପଞ୍ଚମାନଙ୍କ ମର୍ଜିରେ ଗୋଟି ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି । ଏମାନେ ପୂର୍ବାହ୍ନ ୧୦ ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖଟୁଥିଲେ ମଧ୍ୟ ସର୍ବନିମ୍ନ ମଜୁରି ପାଇବାରୁ ବଞ୍ଚିତ ହୋଇଛନ୍ତି । ବାରମ୍ବାର ଦାବି କରିବା ସତ୍ତ୍ୱେ ରାଜ୍ୟ ସରକାର ୧୨୩/୧୯୬୪ ଏବଂ ୧୨୫/୨୦୧୪ ଆଇନର ଆଳ ଦେଖାଇ ସେମାନଙ୍କୁ ଠକି ଚାଲିଛନ୍ତି । ରାଜ୍ୟ ସରକାର ସବୁ ବର୍ଗର କର୍ମଚାରୀଙ୍କର କିଛି ଦାବି ମାନି ଥିଲେ ମଧ୍ୟ ସେମାନଙ୍କ ଦାବିକୁ ସମ୍ପୂର୍ଣ୍ଣ ରୂପେ ଆଖିବୁଜି ଦେଇଥିବା କର୍ମଚାରୀମାନେ ପ୍ରକାଶ କରିଛନ୍ତି । ନିୟମିତ ଦରମା ଏବଂ ସ୍ଥାୟୀ ନିଯୁକ୍ତି ନେଇ ବୈଠକରେ ଦାବି କରିଥିଲେ । ଯଦି ଏହି ଦାବି ସରକାର ନ ମାନନ୍ତି,ତେବେ ଆସନ୍ତା ଅକ୍ଟୋବରରୁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏହି ବୈଠକରେ ଜିଲା ସଂଯୋଜକ ଅରୂପାନନ୍ଦ ଡାକୁଆ, ଉପସଭାପତି ରାକେଶ କୁମାର ନନ୍ଦ, ରାଜ୍ୟ ସଦସ୍ୟ ତାରିଣୀ ଭୂୟାଁ, ଜିଲା ସଭାପତି ନିରଞ୍ଜନ ସାହୁ, ଉପସଭାପତି ଇପିଲି କାମେଶ୍ୱର, କୋଷାଧକ୍ଷ ସୁଧେଶ୍ୱର ପାତିକା, ସହସମ୍ପାଦକ ଧାବଲା ମାଝି ଉପସ୍ଥିତ ଥିଲେ । ବ୍ଲକ ସଭାପତି ସୁବାସଚନ୍ଦ୍ର ଆରକାଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଶେଷରେ ବ୍ଲକ ସମ୍ପାଦକ ବାଲାଜୀ ଧୋବା ଧନ୍ୟବାଦ ଦେଇଥିଲେ।

■ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ବୈଠକ

## ବିଭିନ୍ନ ସମସ୍ୟା ନେଇ ଆଲୋଚନା



କାର୍ଯ୍ୟକ୍ରମରେ ପରିଷଦର ସଦସ୍ୟମାନେ ।

ରାୟଗଡ଼ା ଅଫିସ,୨୨।୯

ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ପ୍ରଥମ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଭାପତି ଡ଼.ଦୁଷନ୍ତ ମହାନ୍ତି ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିଲେ । ଉପସଭାପତି କବି ଶୁଶାନ୍ତ କୁମାର ନାୟକ ଏହି ସଭାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ରାୟଗଡ଼ା ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସଭ୍ୟ ସୁନିଲ ପଣ୍ଡା ରାୟଗଡ଼ାରେ ଦୀର୍ଘ ଦୀନ ଧରି ଜେସକୋ ଅଧିନରେ ଥିବା ଜମି ସରକାର କିପରି ଫେରିପାଇବେ ସେ ନେଇ ଆଲୋଚନା କରିଥିଲେ । ବ୍ରଜ ସୁନ୍ଦର ନାୟକ, ପ୍ରଭାକର ଦୋରା, ଡ଼. ନିରନ ବକ୍ସିପାତ୍ର, ଅମୁଲ୍ୟ ରତ୍ନ ସାହୁ ଏ ବିଷୟରେ ପ୍ରସ୍ତାବ ରଖିଥିଲେ। ରାୟଗଡ଼ାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ସଭ୍ୟ କିଶୋରଚନ୍ଦ୍ର ପଣ୍ଡା, ସୁବ୍ରତ ଚୌଧୁରୀ , ଜଗନ୍ନାଥ ପଣ୍ଡା ଉପସ୍ଥିତ ଥିଲେ । ବାଇପାସ ରୋଡ଼ ନିମନ୍ତେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଥିଲା ।

## ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା

ରାୟଗଡ଼ା ଅଫିସ ୨୨।୯

ସ୍ଥାନୀୟ ନ୍ୟୁ କଲୋନୀ ରାମଲିଙ୍ଗେଶ୍ୱର ମନ୍ଦିରସ୍ଥିତ ସ୍ପନ୍ଦନା ଲିଟେରାରୀ ସାଂସ୍କୃତିକ ସଂଗଠନ ପକ୍ଷରୁ ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୨ ବର୍ଷରୁ କମ୍ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସହରର ବିଭିନ୍ନ ସ୍କୁଲରୁ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଏଥିରେ ଓମକାର ଦାସ ପ୍ରଥମ , ସୁନିତି ସାହୁ ଦ୍ୱିତୀୟ , ଜି .ରାକସିତାଗ,ବି ଆକାଂକ୍ଷା ନାଇଡୁ ତୃତୀୟ ହୋଇ ଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସଂଗଠନ ସଭାପତି ଜି ଗୌରୀ ପ୍ରସାଦ, ସେକ୍ରେଟାରୀ ଡ଼.ପି .ତୁଳସୀ ଦାସ ଉପସ୍ଥିତ ଥିଲେ ।

## ଆଇନ ସଚେତନତା ଶିବିର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଗୁଣପୁର,୨୨।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଡାରି ବ୍ଲକର ମଧୁବନ ପଞ୍ଚାୟତ କାର୍ଯ୍ୟାଳୟଠାରେ ଗୁଣପୁର ତାଲୁକା ଆଇନ ସେବାସଂସ୍ଥା ପକ୍ଷରୁ ଆଇନ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଏହାର ଅଧ୍ୟକ୍ଷ ତଥା ଏଡିଜେ ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ସବଜଜ୍ ବିଭୁଦତ୍ତ ନାୟକ, ଏସଡିଜେଏମ ଅରୁନ୍ଧତି ଆଚାର୍ଯ୍ୟ, ଜେଏମ୍ଏଫ୍‌ସି ଦିପଙ୍କର ବଳ ପ୍ରମୁଖ ଯୋଗଦେଇ କେଉଁମାନେ ମାଗଣା ଆଇନ ସହାୟତା ପାଇପାରିବେ,ଏସିଡ ଆକ୍ରମଣ ଏବଂ କ୍ଷତିପୂରଣ ଉପରେ ଆଲୋକପାତ କରାଯାଇଥିଲା । ଏଥିସହ ଗୁଣିଗାରେଡି ବିଷୟ ଉପରେ ମଧ୍ୟ ସଚେତନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଗୁଡାରି ବିଡିଓ ନରସିଂହଚରଣ ସେଠୀ, ଆଇନଜୀବୀ ରମେଶ ଲିମାଙ୍କ ସମେତ ସରପଞ୍ଚ ମଞ୍ଚାସୀନ ଥିଲେ ।

■ ଭିନ୍ନକ୍ଷମ ଜଗନ୍ନାଥଙ୍କ ପରିବାରକୁ 'ଆଶ୍ରୟ'ର ସାହାରା

## ୩ ବର୍ଷ ଧରି ପ୍ଲାଟଫର୍ମରେ ବିତାଉଥିଲେ ରାତି

ବ୍ରହ୍ମପୁର ଅଫିସ,୨୨।୯

ସମୟ ଓ ପରିସ୍ଥିତି ସେମାନଙ୍କୁ କରିଥିଲା ବାସହୀନ। ନିଜର ୪ ଭଉଣୀଙ୍କୁ ବିବାହ କରାଇବାକୁ ଯାଇ ସର୍ବସ୍ୱ ହରାଇବା ପରେ ବ୍ରହ୍ମପୁର ରେଳଷ୍ଟେଶନରେ ନେଇଥିଲେ ଆଶ୍ରୟ । ଭିନ୍ନକ୍ଷମ ହେତୁ କାର୍ଯ୍ୟ ମିଳୁ ନ ଥିବାରୁ ୫ ଟଙ୍କିଆ ଆହାର ଖାଇ କଷ୍ଟରେ ସ୍ତ୍ରୀ ଓ ଝିଅଙ୍କ ସହ ରେଳଷ୍ଟେଶନ ପ୍ଲାଟଫର୍ମରେ ରାତି କଟାଉଥିଲେ । କିନ୍ତୁ ଦୀର୍ଘ ୩ବର୍ଷ ଷ୍ଟେଶନରେ ରହିବା ପରେ ବ୍ରହ୍ମପୁର ମହାନଗର ନିଗମ ଓ ଜାତୀୟ ସହରାଞ୍ଚଳ ଜୀବିକା ମିଶନ (ଏନ୍‌ୟୁଏଲଏମ୍) ସହଯୋଗରେ ନିର୍ମିତ ଆଶ୍ରୟ ଏବେ ସେମାନଙ୍କୁ ଦେଇଛି ବଞ୍ଚିବାର ସାହାରା। ଏହା କୁହନ୍ତି ଦମ୍ପତି ଜଗନ୍ନାଥ ମହାରଣା ଓ ରଶ୍ମିତା ମହାରଣା । ୧୫ ବର୍ଷ ତଳେ ୪ ଭଉଣୀଙ୍କ ବାହାଘର ପାଇଁ ହିଞ୍ଜିଳିକାଟୁ ଅଞ୍ଚଳର ଘର, ଜମି ସବୁ ବିକ୍ରି ପରେ ବାପା, ମାଆ ଓ ବଡଭାଇ ସୁରଟରେ କାମ କରୁଛନ୍ତି। ଭିନ୍ନକ୍ଷମ ଯୋଗୁ ବାହାରକୁ କାମ କରିବାକୁ ଯାଇ ନ ପାରି ବ୍ରହ୍ମପୁରକୁ କାର୍ଯ୍ୟ ସନ୍ଧାନରେ ଆସି ନିଜ ସ୍ତ୍ରୀ ଓ ୫ ବର୍ଷର ଝିଅ ସହ ରେଳ ଷ୍ଟେଶନରେ ଆଶ୍ରୟ ନେଉଥିଲେ । ବୁଲି ବୁଲି ଇଲେକ୍ଟ୍ରିକାମକରି ଯେଉଁ ଟଙ୍କା ପାଉଥିଲେ ସେଥିରେ ଜଗନ୍ନାଥ ଝିଅ ଓ ସ୍ତ୍ରୀ ଚଳୁଥିଲେ । ୩ ମାସ ତଳେ ଜାତୀୟ ସହରାଞ୍ଚଳ ଜୀବିକା ମିଶନ ଅଧୀନ ଆଶ୍ରୟ ସୋସିଆଲ ମୋବିଲାଇଜରମାନେ ସେମାନଙ୍କୁ ରେଳଷ୍ଟେଶନରୁ ଆଣି ଆଶ୍ରୟରେ ସ୍ଥାନ ଦେଇଥିବା ଜଗନ୍ନାଥ କହିଛନ୍ତି । ଆଶ୍ରୟକୁ ଆସିବା ପରେ ତାଙ୍କର ଗୋଟିଏ ପୁତ୍ର ସନ୍ତାନ ଟିଏ ହେବା ସହ ଏନୟୁଏଲଏମ୍ ସହଯୋଗରେ ଜଗନ୍ନାଥଙ୍କ ରୋଜଗାର ତଥା କାର୍ଯ୍ୟ ଯୋଗାଇବା ଦିଗରେ ମଧ ପ୍ରୟାସ କରାଯାଉଥିବା ପରିଚାଳକଙ୍କ ପକ୍ଷରୁ ସୂଚନା ମିଳିଛି ।

ସୂଚନାଯୋଗ୍ୟ, ବ୍ରହ୍ମପୁରରେ ବାସହୀନ ଭାବେ ଜୀବନ ବିତାଉ ଥିବା ଅସହାୟ ଲୋକଙ୍କୁ ଆଶ୍ରୟ ଦେବା ଉଦ୍ଦେଶ୍ୟରେ ୨୦୧୮ ଡିସେମ୍ବର ୧ରେ 'ଆଶ୍ରୟ' କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା । ନୂଆ ବସ୍‌ଷ୍ଟାଣ୍ଡରୋଡସ୍ଥିତ ପାୟଲ ହଲ ସମ୍ମୁଖରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ଏହି କେନ୍ଦ୍ର ନିର୍ମିତ ହୋଇଥିଲା । କେନ୍ଦ୍ରରେ ୭୦ ପୁରୁଷ ଓ ମହିଳା ରହିବା ନେଇ ବ୍ୟବସ୍ଥା କରାଯିବା ସହ ବେଡ, ବେଡଶିଟ, କମ୍ବଳ ଓ ମଶାରି ଭଳି ଆବଶ୍ୟକ ସାମଗ୍ରୀ ମଧ ରଖାଯାଇଛି ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା

ଟିକିରି,୨୨।୯(ଡ଼ି.ଏନ.ଏ)

ରାୟଗଡ଼ା ଜିଲା କାଶୀପୁର ବ୍ଲକସ୍ଥିତ ଟିକିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ରବିବାର ଶିଶୁ ବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସରୋଜିନୀ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସୁନିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସମିତି ସମ୍ପାଦକ ହରିଶ୍ଚନ୍ଦ୍ର ସାହୁ ଓ ନରେନ୍ଦ୍ର ନାଏକ ପରିଚାଳନା କରିଥିଲେ । ପ୍ରଧାନ ଗୁରୁଜୀ ରଘୁନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା । ଏଥିରେ କିଶୋର ବେହେରା, କାମିନୀ, ତପସ୍ୱିନୀ ବେହେରା, ସାଗରିକା ପରିଡ଼ାଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ, ଅଭିଭାବକ ଉପସ୍ଥିତ ଥିଲେ ।



ଟିକିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶିଶୁ ବାଟିକା ବିଭାଗର ମାତୃ କର୍ମଶାଳାରେ ଜଣଙ୍କୁ ପୁରସ୍କୃତ କରାଯାଉଛି ।



ରକ୍ତଦାନ ପାଇଁ ବାହାରିଥିବା ସଚେତନତା ଶୋଭାଯାତ୍ରା ।

## ରକ୍ତଦାନ ନେଇ ସଚେତନତା ଶୋଭାଯାତ୍ରା

ଗୁଣପୁର,୨୨।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ରବିବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୪ ତାରିଖରେ ଜାତୀୟ ସେବା ଯୋଜନା ଦିବସ ପାଳନ ନିମନ୍ତେ ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ଏହି ସଚେତନତା ଶୋଭାଯାତ୍ରାକୁ ଜିଆଇଇଟିର ପ୍ରିନ୍ସିପାଲ ଡ. କେ.ସେଣ୍ଟିଲ କୁମାର ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଶୋଭାଯାତ୍ରା ଗୁଣପୁର କଲେଜଠାରୁ ବାହାରି ସହର ପରିକ୍ରମା କରି ହଳଦିଆ ନାଳ ପଡିଆଠାରେ ପହଞ୍ଚିଥିଲା । ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ରକ୍ତଦାନ ମହତ୍ ଦାନ, ରକ୍ତ ଦାନ ମହାପୂର୍ଣ୍ଣ ଭଳି ସ୍ଲୋଗାନ ଦେଇ ରକ୍ତଦାନ କରିବାକୁ ଆହ୍ୱାନ କରିଥିଲେ । ଜାତୀୟ ସେବା ଯୋଜନାର ସଂଯୋଜକ ଡ.ପ୍ରେମାଂଶୁ ଶେଖର ରଥ,, କାର୍ଯ୍ୟକ୍ରମ ଅଧିକାରୀ ଡ.ଜ୍ୟୋତିର୍ମୟ ମିଶ୍ର, ରଶ୍ମିପ୍ରଭା ମହାରଣା, ତାପସ ଛୁଆଳସିଂ, ଭି.ଗଣେଶ ଏବଂ ଏସ.ଶିବାଜୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## ଶିଶୁବାଟିକାର ମାତୃ କର୍ମଶାଳା

ଗୁଣପୁର,୨୨।୯(ଡି.ଏନ.ଏ)

ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଶିଶୁବାଟିକା ବିଭାଗର ମାତୃ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି । ଅଭିଭାବକ ଶ୍ରୀମତୀ ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ ଶତପଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରି ୩ରୁ ୫ ବର୍ଷର ଶିଶୁଙ୍କ ଚରିତ୍ର ଗଠନ ଏବଂ ସଂସ୍କାର ବିଷୟରେ ଆଲୋକପାତ କରିଥିଲେ । ଗୁରୁମା ଗୁରୁଜି ସଂଯୁକ୍ତା ନାୟକ, ରଶ୍ମିତା ଚୌଧୁରୀ, ମହାଲକ୍ଷ୍ମୀ ପାଣିଗ୍ରାହୀ, ଘୁଙ୍ଗୁଡୁରାମ ପାତ୍ର ଉପସ୍ଥିତ ଥିଲେ। ମାମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଲାଲି ଶବର ପ୍ରଥମ ହୋଇଥିବାବେଳେ ଜ୍ୟୋତ୍ସ୍ନାରାଣୀ ପାତ୍ର ୨ୟ ଏବଂ କେ.ନାଗମଣି ୩ୟ ହୋଇଥିଲେ । ଶେଷରେ ଶିଶୁ ନାଟକ ଶ୍ରବଣକୁମାର ପରିବେଷଣ ହୋଇଥିଲା । ପରିଚାଳନା କମିଟି ସଭାପତି ଲଳିତ ବୈଦ୍ୟ ଭୂଷଣ, ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ, ସଦସ୍ୟା ଅମ୍ବିକାରାଣୀ ମହାପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରିଥିଲେ ।

## ମାଣିକେଶ୍ୱରୀଙ୍କ ବାଲିଯାତ୍ରା

ଗୁଡ଼ାରୀ,୨୨।୯(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ଗୁଡ଼ାରୀର ପ୍ରତ୍ୟେକ୍ଷ ଦେବୀ ମା' ମାଣିକେଶ୍ୱରୀଙ୍କ ବାଲିଯାତ୍ରା ରବିବାର ଆରମ୍ଭ ହୋଇଛି । ସନ୍ଧ୍ୟାରେ ପୂଜକ ବା ବେଜୁ କିଶୋର ଶବର ସୁସଜ୍ଜିତ ପାରମ୍ପରିକ ବେଶରେ ସଜ୍ଜିତ ହୋଇ ଏକ ବିରାଟ ଶୋଭାଯାତ୍ରାରେ ବଂଶଧାରା ନଦୀରୁ ମାଟି ହାଣ୍ଡିରେ ଜଳ ଆଣି ଯାତ୍ରା ପଡ଼ିଆରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ପରେ କଣ୍ଟା ଦୋଳିରେ ଝୁଲି ଗାଁର ଶୁଭକାମନା କରିଥିଲେ । ଏହି ସମୟରେ ମାନସିକଧାରୀମାନେ ପାରା ଉଡ଼େଇବା ସହ କଣ୍ଟା ଦୋଳିରେ ବେଜୁଙ୍କ ସହ ବସିଥିଲେ । ବେଜୁଙ୍କ ନିଆଁ କୁଣ୍ଡରେ ଚାଲିବା ଦୃଶ୍ୟ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା ।। ଏହି ସମୟରେ ମାନସିକଧାରୀମାନେ ମଧ୍ୟ ନିଆଁରେ ଚାଲିଥିଲେ। ଗୁଡ଼ାରୀ ତହସିଲଦାର ଭାରତୀ ଦେବୀ ଓ ରାଜସ୍ୱ ନିରୀକ୍ଷକ ଅନିଲ କୁମାର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଡ଼ାରୀ ଥାନା ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା ।



ବେଜୁ କଣ୍ଟା ଦୋଳିରେ ଝୁଲୁଛନ୍ତି ।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

ଡାବୁଗାଁ,୨୨।୯ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ କେରଣ୍ଡୀ ଗ୍ରାମର ରୂପମା ମାଝୀ (୩୪)ବେକରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଥିବା ନେଇ ଶନିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ଡାବୁଗାଁ ଥାନା ଅଧୀନ କେରଣ୍ଡୀ ଗ୍ରାମର ଭଦର ମାଝୀଙ୍କ ସ୍ତ୍ରୀ ରୂପମା ଶନିବାର ପୂର୍ବାହ୍ନ ୧୧ଟା ସମୟରେ ତାଙ୍କ ୧୦ ବର୍ଷର ପୁଅ ଗୋପ ମାଝୀ ସହ ଖାଇଥିଲେ । ଏହାପରେ ପୁଅ ଗୋପ ଗାଁ ଭିତରକୁ ବୁଲିବାକୁ ଯାଇଥିଲେ । କିଛି ସମୟ ବୁଲାବୁଲି କରି ଘରକୁ ଫେରି ଦେଖିଥିଲେ ଯେ ତାର ମା’ ରୂପମା ଏକ ପ୍ଲାଷ୍ଟିକ ଦଉଡି ବେକରେ ବାନ୍ଧି ଘର ଦୁଲମରେ ଝୁଲୁଛନ୍ତି। ଏହାପରେ ପୁଅ ଯାଇ ଗାଁର କୁନୁ ମାଝୀଙ୍କୁ କହିଥିଲେ। ଏହାପରେ କୁନୁ ଓ ଗ୍ରାମବାସୀ ଆସି ଦେଖିଥିଲେ ଯେ ରୂପମା ଆତ୍ମହତ୍ୟା କରିଛି । ତାଙ୍କ ସ୍ୱାମୀ ଭଦର ମାଝୀ ମାଲକାନଗିରି ଜିଲାକୁ କୁଲି କାମ କରିବାକୁ ଯାଇଥିଲେ। ତାଙ୍କୁ ଗ୍ରାମବାସୀ ଖବର ଦେଇଥିଲେ। ଖବର ପାଇ ଭଦର ରାତିରେ ଆସି ଘରେ ପହଞ୍ଚିଥିଲେ । ସନ୍ଧ୍ୟାରେ ମୃତକଙ୍କ ଦିଅର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ରବିବାର ଶିଂସାରି ଫାଣ୍ଡି ଅଧିକାରୀ ଠଣ ସୁନ୍ଦର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ନଂ ୩୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିଛି । ମୃତ୍ୟୁର କାରଣ ଜଣାପଡିନାହିଁ ।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ସମ୍ମିଳନୀ

କୋଡିଙ୍ଗା,୨୨।୯(ଡି.ଏନ.ଏ)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡିଙ୍ଗା ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କ ଏକ



ସମ୍ମିଳନୀ ଆୟୋଜନ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ କିପରି ନିୟମ ଅନୁଯାୟୀ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୋଇପାରିବ। ହିତାଧିକାରୀମାନେ କୌଣସି ପ୍ରଲୋଭନରେ ନ ପଡି ଗୃହକୁ ନିର୍ମାଣ କରିବେ, ନିର୍ଦ୍ଧାରିତ ସମୟ ମଧରେ ଗୃହ କିପରି ନିର୍ମାଣ ଶେଷ କରିବେ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ହିତାଧିକାରୀମାନଙ୍କୁ ମିଳୁଥିବା ଟଙ୍କା ଠିକ ସମୟରେ ଡିପୋଜିଟ କରିବା ପାଇଁ ମଧ ହିତାଧିକାରୀମାନେ କହିଥିଲେ। ସେହିପରି ବିଏମ ସେମଳା ପଞ୍ଚାୟତରେ ମଧ ଏହି ସମ୍ମିଳନୀ ଆୟୋଜନ କରାଯାଇଥିଲା। କୋଡିଙ୍ଗା ପଞ୍ଚାୟତରେ ୧୪୪ ଜଣ ହିତାଧିକାରୀଙ୍କୁ ଆବାସ ମିଳିଥିବା ବେଳେ ବିଏମ ସେମଳା ପଞ୍ଚାୟତରେ ୧୧୫ ଜଣଙ୍କୁ ମିଳିଥିଲା। ଏହି ସମ୍ମିଳନୀରେ କୋଡିଙ୍ଗା ପଞ୍ଚାୟତର ସରପଞ୍ଚ ଡମାଇ ଭତ୍ରା, ନିର୍ବାହୀ ଅଧିକାରୀ ପ୍ରଭାକର ମୁଦୁଲି ଉପସ୍ଥିତ ଥିଲେ।

# ଦୁଶ୍ଚିନ୍ତା ମୁକ୍ତ ପାଇଁ ଏକ ମାତ୍ର ମାଧ୍ୟମ ଧ୍ୟାନ, ଯୋଗ

ନବରଙ୍ଗପୁର,୨୨।୯(ବି.ପ୍ର)

ନବରଙ୍ଗପୁର ବ୍ରହ୍ମାକୁମାର ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟଠାରେ ଆଧ୍ୟାତ୍ମିକ ମାର୍ଗରେ ଚିନ୍ତାମୁକ୍ତ ସମାଧାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଥର ପାଇଁ ଜିଲା ପ୍ରଶାସନର ଅଧିକାରୀଙ୍କୁ ନେଇ ଜିଲାରେ ଏଭଳି ଏକ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ପ୍ରେରଣା ବାର୍ତ୍ତା ପ୍ରଦାନ ପାଇଁ ବି.କେ ଖ୍ୟାତିଜୀ ଦିଲ୍ଲୀରୁ ଆସି ଯୋଗ ଦେଇଥିଲେ । ରବିବାର ବିଶ୍ୱବିଦ୍ୟାଳୟ ନବରଙ୍ଗପୁର ଶାଖା ପରିସର ସ୍ଥିତ ହାରମୋନି ହଲଠାରେ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୬ ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁଶ୍ଚିନ୍ତା ମୁକ୍ତ ପାଇଁ ଏକ ମାତ୍ର ମାଧ୍ୟମ ଧ୍ୟାନ ଓ ଯୋଗ। ଯୋଗ ମାଧ୍ୟମରେ ମଣିଷର ଶରୀର ୮୫ ପ୍ରତିଶତ ରୋଗ ମୁକ୍ତ ହୋଇଥାଏ। ୧୫ ପ୍ରତିଶତ ନିଜର କର୍ମ ଉପରେ ନିର୍ଭର କରିଥାଏ। ସୂକ୍ଷ୍ମ ଚେତନା ଜାଗ୍ରତ ହେଲେ ମଣିଷର ମାନସିକ ଦୁଶ୍ଚିତା ଦୂର ହୋଇଥାଏ । ଯୋଗକୁ ସାରା ବିଶ୍ୱରେ ଗ୍ରହଣ କରାଯାଇଛି । ଯୋଗ ମାଧ୍ୟମରେ ମଣିଷ ସୁସ୍ଥ ରହି ଆସିଛି ଓ ଦୀର୍ଘାୟୁ ହୋଇ ପାରିଛି । ଏଠାରେ ଯାହା ଉପଲବ୍ଧି ହୋଇଛି ନିଜେ ଅନୁଭବ କରିବା ସହ ଓ ଅନ୍ୟମାନଙ୍କୁ ପ୍ରେରଣା ଦେବା ପାଇଁ ପରାମର୍ଶ ଦେଇଥିଲେ। ସୂର୍ଯ୍ୟ ଉଦୟରୁ ଅସ୍ତ ଓ ଶୋଇବା ପର୍ଯ୍ୟନ୍ତ ଆମେ କିଭଳି ଶରୀରର ଯତ୍ନ ନେବା ତାହାର ବିଭିନ୍ନ ଉଦାହରଣ ଦେଇ ରାଜ ଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ । ଶିବିରରେ ଆଧ୍ୟାତ୍ମିକ ମାର୍ଗରେ ଅଧିକାରୀମାନଙ୍କୁ ଈଶ୍ୱରୀୟ ଜ୍ଞାନରେ ଅନୁପ୍ରାଣିତ କରାଇ ଦୁଶ୍ଚିନ୍ତାମୁକ୍ତ ଜୀବନଯାପନ କରିବାକୁ ମାର୍ଗଦର୍ଶନ କରାଇଥିଲେ । ଶାଖାର ମୁଖ୍ୟ ସଞ୍ଚାଳିକା ବି.କେ. ନୀଲମଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଅଜିତ କୁମାର ମିଶ୍ର ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ବି.କେ ଶଶି ରାଜଯୋଗ କରାଇଥିଲେ । ବି.କେ. ନମିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବି.କେ.ରାକ୍ଷୀ, ବି.କେ. ଗୀତା, ରଘୁନାଥ ପାଢୀ, ସୁନୀଲ ସାହୁ, ଗଣେଶ୍ୱର ଦାଶ ସମେତ ଜିଲାରୁ ବହୁ ସଂଖ୍ୟାରେ ଭଉଣୀ ଭାଇମାନେ ଯୋଗ ଦେଇଥିଲେ ।



ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖାର ମୁଖ୍ୟ ସଞ୍ଚାଳିକା ବି.କେ. ନୀଲମ, ଜିଲାପାଳ ଓ ଅନ୍ୟମାନେ।

# ସୀମାନ୍ତ ରାସ୍ତା ନିର୍ମାଣ ପାଇଁ ଛତିଶଗଡ ମନ୍ତ୍ରୀଙ୍କୁ ଜଣାଇଲେ ପୂର୍ବତନ ଏମପି

ଚନ୍ଦାହାଣ୍ଡି,୨୨।୯(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସୀମାନ୍ତ ଛତିଶଗଡ ମଙ୍ଗରୋଡା ରାସ୍ତା ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇ ପଡିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଛତିଶଗଡ ଏବଂ ଓଡିଶାର ଜନସାଧାରଣ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି। ଉକ୍ତ ସୀମାନ୍ତ ରାସ୍ତା ପ୍ରତି ଛତିଶଗଡ ସରକାର ଅଣଦେଖା କରୁଥିବା ଉଭୟ ରାଜ୍ୟର ଜନସାଧାରଣ ଅଭିଯୋଗ କରିଛନ୍ତି। ଉମରକୋଟ ଭାୟା ଚନ୍ଦାହାଣ୍ଡି ଦେଇ ରାୟପୁର, ଭୁବନେଶ୍ୱର, ସମ୍ବଲପୁରକୁ ପ୍ରତିଦିନ ଶହ ଶହ ଗାଡି ମୋଟର ଯାତୟାତ କରୁଛି। ଉକ୍ତ ରାସ୍ତା ଏବେ ମୁଖ୍ୟ ରାସ୍ତାରେ ପରିଣତ ହୋଇଥିବା ବେଳେ ସାଧାରଣ ମରାମତି ମଧ୍ୟ ଛତିଶଗଡ ସରକାର କରୁ ନାହାନ୍ତି। ରାସ୍ତା ମରାମତି ପାଇଁ ଛତିଶଗଡ ମନ୍ତ୍ରୀ ଉମଶେ ପଟେଲଙ୍କୁ ଫୋନ ଯୋଗେ ପୂର୍ବତନ ନବରଙ୍ଗପୁର ଏମପି ବଳଭଦ୍ର ମାଝି ଜଣାଇଥିଲେ। ରାସ୍ତା ମରାମତି ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ପୂର୍ବତନ ଏମପି ବଳଭଦ୍ର ମାଝି ସୂଚନା ଦେଇଛନ୍ତି। ଏଥି ପୂର୍ବରୁ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି ମଧ ଏହି ରାସ୍ତା ନିର୍ମାଣ ପାଇଁ ବିନ୍ଦ୍ରାନୟାଗଡ ବିଧାୟକ ଡମ୍ବରୁଧର ପୂଜାରୀଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ ହୋଇ ପାରୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।


ଚନ୍ଦାହାଣ୍ଡି ବ୍ଲକ ସୀମାନ୍ତ ଛତିଶଗଡ ମଙ୍ଗରୋଡା ରାସ୍ତା।

# ଟ୍ରାନ୍ସଫର୍ମର ବସିବାକୁ ବର୍ଷେ ବିତିଲା, ବିଦ୍ୟୁତ ସଂଯୋଗ ହେଉନି

ଚନ୍ଦାହାଣ୍ଡି, ୨୨।୯(ଡି.ଏନ.ଏ)

ବିଦ୍ୟୁତ ସଂଯୋଗ ପାଇଁ ବର୍ଷେ ତଳୁ ଆବଶ୍ୟକୀୟ ସରଞ୍ଜାମ ବସାଗଲା । ବିଦ୍ୟୁତ ବିଭାଗ ତରଫରୁ ଖୁଣ୍ଟ ପୋତା ଯାଇ ତାରଟଣା ଗଲା। ଏପରିକି ଟ୍ରାନ୍ସଫର୍ମର ମଧ ବସିଲା। କିନ୍ତୁ ବର୍ଷେ ବିତିଗଲାଣି ଏ ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇ ପାରି ନାହିଁ। ଗାଁକୁ ବିଜୁଳି ଆଲୁଅ ଆସିବ ବୋଲି ଗ୍ରାମବାସୀ ଯେଉଁ ଖୁସିରେ ରହିଥିଲେ ତାହା ମଉଳି ଯାଇଛି। ସ୍ୱାଧିନତାର ୭୨ ବର୍ଷ ବିତିଯାଇଥିଲେ ହେଁ ନବରଙ୍ଗପୁର ଜିଲା ଅଧୀନ ଚନ୍ଦାହାଣ୍ଡି ବ୍ଲକ ରାଜକୋଟ ଗ୍ରାମ ପିପଲପଡାବାସୀ ବିଦ୍ୟୁତ ଆଲୁଅରୁ ବଞ୍ଚିତ ହେଉଛନ୍ତି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମହକୁମା ଠାରୁ ପ୍ରାୟ ୧୫ କିମି ଦୂରରେ ଅବସ୍ଥିତ ଏହି ଗାଁ । ସାମଗ୍ରୀକ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ପ୍ରଶାସନ ପ୍ରାୟ ଏକ ବର୍ଷ ପୂର୍ବେ ସୌଭାଗ୍ୟ ଜ୍ୟୋତି ଯୋଜନାରେ ବିଜୁଳି ସଂଯୋଗ କରିବା ଗ୍ରାମବାସୀଙ୍କ ପାଇଁ ନୂତନ ଆଶା ସଞ୍ଚାର କରିଥିଲା । ବିଦ୍ୟୁତ ବିଭାଗ ତରଫରୁ ଖୁଣ୍ଟ ପୋତା, ତାରଟଣା ସବୁ ସରିଥିଲା। ଏପରିକି ଟ୍ରାନ୍ସଫର୍ମର ମଧ ବସିଥିଲା। କିନ୍ତୁ ସବୁଠୁ ବଡ ପରିତାପର ବିଷୟ ହେଲା ଏକ ବର୍ଷ ପରେ ବି ଗାଁ କୁ ବିଦ୍ୟୁତ ସଂଯୋଗ ହୋଇପାରିନି । ପିପଲପଡା ବାସୀ ଏବେ ଅନ୍ଧକାର ମଧରେ ଜୀବନ ବିତାଉଛନ୍ତି । ବଣ ପାହାଡ ଘେରା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତ ଅଧିନସ୍ଥ ପିପଲପଡା ଗାଁ ରେ ୨୫ ପରିବାର ବସବାସ କରନ୍ତି। ପାଖାପାଖି ଏକବର୍ଷ ହେଲା ବିଜୁଳି ଆଲୁଅର ଆଶାରେ ସେମାନେ ରହିଛନ୍ତି । ଗ୍ରାମ ମୁଣ୍ଡରେ ଟ୍ରାନ୍ସଫର୍ମର ବସିଛି କିନ୍ତୁ ଏପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ବିଦ୍ୟୁତ ସଂଯୋଗ କରିବାକୁ ଦାବି କରିଛନ୍ତି ।


ବିଦ୍ୟୁତ୍ ଟ୍ରାନ୍ସଫର୍ମର ।

# କୌଶଳ ବିକାଶ ଯାତ୍ରା ମାଧ୍ୟମରେ କାଉସିଲିଂ କର୍ମଶାଳା

ନବରଙ୍ଗପୁର,୨୨।୯(ବି.ପ୍ର.)

ନବରଙ୍ଗପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ କୌଶଳ ବିକାଶ ଯାତ୍ରା ମାଧ୍ୟମରେ କାଉସିଲିଂ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ଆଇସେକ୍ଟ ଆଞ୍ଚଳିକ ପ୍ରବନ୍ଧକଙ୍କ ସହାୟତାରେ ଏହା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆଇସେକ୍ଟ ପ୍ରକଳ୍ପ ସଂଯୋଜକ ନିଳାଦ୍ରୀ ମହାରଣା କୌଶଳ ବିକାଶ ଯାତ୍ରା ସମ୍ପର୍କରେ ଉପସ୍ଥିତ ଛାତ୍ରୀଙ୍କୁ ବୁଝାଇଥିଲେ। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ୧୮ରୁ ୩୫ ବର୍ଷ ଯୁବତୀ ଯୁବକଙ୍କୁ ଏହି ଯୋଜନାରେ ସାମିଲ ହୋଇ ମାଗଣାରେ ଦକ୍ଷତା ବିକାଶ କୌଶଳ ଗ୍ରହଣ କରିବା ସହ କିଭଳି ଆତ୍ମନିଯୁକ୍ତି ତଥା ସ୍ଥାୟୀ ନିଯୁକ୍ତି ପାଇ ପାରିବେ ସେନେଇ ଆଲୋଚନା ମାଧ୍ୟମରେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ମାଳେଶ୍ୱରୀ ସାହୁ, ଅଧ୍ୟାପିକା ଡ. ସଂଯୁକ୍ତା ପଣ୍ଡା, ସୁନିତା ପାତ୍ର, ସାଇରାବେଗମ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ନବରଙ୍ଗପୁର ଆଇସେକ୍ଟ ସେଣ୍ଟର ମ୍ୟାନେଜର ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ଓ ଅଧ୍ୟାପକ ପ୍ରଦୀପ ପଟ୍ଟନାୟକ, ପ୍ରଭାସ ଜେନା ଓ ମନୋରଞ୍ଜନ ପରିଡା ପ୍ରମୁଖ ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା ଓ ଅନ୍ୟମାନେ ।

# ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରି ହରଡଘଣାରେ ସହକାରୀ ଶିକ୍ଷକ

ନବରଙ୍ଗପୁର/ଡାବୁଗାଁ, ୨୨।୯(ବି.ପ୍ର./ଡି.ଏନ.ଏ)

ହଷ୍ଟେଲ ଛାତ୍ରୀଙ୍କୁ ପ୍ରବର୍ତ୍ତାଇ ଜଣେ ଶିକ୍ଷକ ଅନ୍ୟ ଜଣେ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରି ଏବେ ଅଡୁଆରେ ପଡିଛନ୍ତି । ପ୍ରକୃତ ଘଟଣା ଜଣାପଡିବା ପରେ ଭୁଲ କରିଥିବା ଶିକ୍ଷକ ନିଜ ଦୋଷ ସ୍ୱୀକାର କରିଛନ୍ତି । ଏହି ଘଟଣାକୁ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କୁ ଲିଖିତ ଭାବେ ପ୍ରଧାନଶିକ୍ଷକ ଜଣାଇଛନ୍ତି । ନବରଙ୍ଗପୁର ଜିଲା ଡାବୁଗାଁ ଘୋଡାଖୁଣ୍ଟା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଘଟଣା ଘଟିଛି।

ଘୋଡାଖୁଣ୍ଟା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷା ବିଭାଗଦ୍ୱାରା ପରିଚାଳିତ ହେଉଥିବା ବେଳେ ଛାତ୍ରୀ ନିବାସ ପରିଚାଳନା ମଙ୍ଗଳ ବିଭାଗ ଦାୟିତ୍ୱରେ ରହିଛି । ଛାତ୍ରୀମାନଙ୍କୁ ମତାଇ ବିଦ୍ୟାଳୟର ସହକାରୀ ଶିକ୍ଷକ ରବିନ୍ଦ୍ର ନାଥ ମାନସିଂ ସେହି ବିଦ୍ୟାଳୟକୁ ଡେପୁଟେଶନରେ ତିନିଦିନ ଆସି ପାଠ ପଢାଉଥିବା ଶିକ୍ଷକ ମଥୁରାନନ୍ଦ ରାଉତଙ୍କ ବିରୋଧରେ ଅଗଷ୍ଟ ୧୮ ତାରିଖରେ ଅଭିଯୋଗ କରାଇଥିଲେ। ନିଜେ ମାନସିଂ ୧୩ଟି ପ୍ରଶ୍ନ ହାତରେ ଲେଖି ୧୦ମ ଶ୍ରେଣୀ ଛାତ୍ରୀମାନଙ୍କ ଦସ୍ତଖତ କରାଇ ରାଉତଙ୍କ ନାମରେ ପ୍ରଧାନ ଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଭଳି ଅଭିଯୋଗ ପାଇବା ପରେ ପ୍ରଧାନ ଶିକ୍ଷକ ତାଜୁବ ହୋଇ ଯାଇଥିଲେ । ଏହି ଘଟଣା ପରେ ୨୧ ତାରିଖରେ ଶିକ୍ଷକମାନଙ୍କ ବୈଠକ ହୋଇଥିଲା । ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ, ଶିକ୍ଷୟିତ୍ରୀ ଶିକ୍ଷକ ପରସ୍ପର ମଧରେ ମିଳିମିଶି ରହିବେ । କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ବ୍ୟତିକ୍ରମ କରନ୍ତି ବିଦ୍ୟାଳୟର ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏହି ଘୋଷଣା ନାମା ଉଲ୍ଲେଖ ଥାଇ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଦସ୍ତଖତ କରିଥିଲେ । ପରେ ସରପଞ୍ଚ, ବିଦ୍ୟାଳୟ କମିଟି, ଶିକ୍ଷକ ଓ ଗାଁର

## ଡିଇଓ, ଜିଲାପାଳଙ୍କୁ ଜଣାଇଲେ ପ୍ରଧାନଶିକ୍ଷକ

ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ସେପ୍ଟେମ୍ବର ୮ ତାରିଖରେ ବିଦ୍ୟାଳୟ ପରିସରରେ ବୈଠକ ବସିଥିଲା। ଶିକ୍ଷକ ରାଉତ ଓ ମାନସିଂଙ୍କୁ ମଧ ବୈଠକକୁ ଡକାଯାଇଥିଲା। ଅଭିଯୋଗ କରିଥିବା ଛାତ୍ରୀଙ୍କୁ ମଧ ଘଟଣା ସମ୍ପର୍କରେ ପଚରା ଯାଇଥିଲା । ମାନସିଂ ସାର ଯାହା ଲେଖି ଦେଇଥିଲେ ତାହାକୁ ଉତାରି ଅଭିଯୋଗ କରିବାକୁ କହିଥିଲେ । ଭୟରେ ତାହା ଲେଖି ଶିକ୍ଷକ ମାନସିଂଙ୍କୁ ଦେଇଥିଲୁ ବୋଲି ଛାତ୍ରୀମାନେ କହିଥିଲେ । ଛାତ୍ରୀମାନଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ପ୍ରଧାନ ଶିକ୍ଷକଙ୍କୁ ମାନସିଂ ପ୍ରଦାନ କରିଥିଲେ। ଶିକ୍ଷକ ରାଉତଙ୍କ କୌଣସି ଭୁଲ ନଥିବା ଛାତ୍ରୀମାନେ ଜଣାଇଥିଲେ। ମାନସିଂ ନିଜ ହାତରେ ଯାହା ଲେଖି ଛାତ୍ରୀମାନଙ୍କୁ ଦେଇଥିଲେ ତାହାର କପି ମଧ ଆଲୋଚନା ସମୟରେ ଧରାପଡିଥିଲା । ଅଭିଯୋଗର ଏକ କପି ଜନଜାତି ସୁରକ୍ଷା ମଞ୍ଚକୁ ପ୍ରଦାନ କରିଥିବା ମାନ ସିଂ ବୈଠକରେ ସ୍ୱୀକାର କରିଥିଲେ । ମାନସିଂ ନିଜ ଦୋଷ ମଧ ସ୍ୱୀକାର କରିଥିଲେ । ବୈଠକରେ ପ୍ରମାଣ ପତ୍ର ଓ ସ୍ୱୀକାରୋକ୍ତି ପତ୍ରରେ ମାନସିଂ ଦସ୍ତଖତ କରି ଜଣାଇଥିଲେ ଯେ, ଶିକ୍ଷକ ମଥୁରାନନ୍ଦ ରାଉତଙ୍କ ସହ ମନୋମାଳିନ୍ୟକୁ ନେଇ ପ୍ରଧାନ ଶିକ୍ଷକଙ୍କ ନିକଟରେ ମିଥ୍ୟା ଅଭିଯୋଗ କରିଥିଲି । ଯେଉଁ ଭୁଲ କରିଛି ତାହା ଆଉ ଭବିଷ୍ୟତରେ କରିବି ନାହିଁ , ଯଦି ଭୁଲ ହୁଏ ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଲ୍ଲେଖ ଥାଇ ମାନସିଂ ଦସ୍ତଖତ କରିଥିଲେ । ଏଥିରେ ସରପଞ୍ଚ, ବିଦ୍ୟାଳୟ କମିଟି ସଭାପତି, ପ୍ରଧାନ ଶିକ୍ଷକ ଓ ଗ୍ରାମବାସୀଙ୍କ ମଧ ଦସ୍ତଖତ ରହିଛି। ବୈଠକରେ ସରପଞ୍ଚ ଧନସିଂ ଭତ୍ରା, ଦିନବନ୍ଧୁ ମାଝୀ, ବିଦ୍ୟାଳୟ ସଭାପତି ସୁକୁ ଭତ୍ରା, ନୀଳ ମାଝୀ, ଫଗୁନ ଶବର, ଡମ୍ବୁ ଶବର, ସୁତାମ୍ବର ଗୌଡ, ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମାଝୀ ଉପସ୍ଥିତ ଥିଲେ। ବୈଠକର ସମସ୍ତ ବିବରଣୀର ନକଲ, ମାନସିଂ ସ୍ୱୀକାର କରିଥିବା ପତ୍ର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଜିଲାପାଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଜିଲାଶିକ୍ଷା ଅଧିକାରୀଙ୍କୁ ପ୍ରେରଣ କରିଛନ୍ତି । ହଷ୍ଟେଲ ମାଟ୍ରୋନଙ୍କୁ ମଧ ଅଗଷ୍ଟ ୨୭ରେ ସହକାରୀ ଶିକ୍ଷକ ମାନସିଂ ଦୁର୍ବ୍ୟବହାର କରିଥିବା ମଧ ଏଥିରେ ଦର୍ଶାଯାଇଛି। ତେବେ ଅଭିଯୋଗକୁ ଭିତ୍ତିକରି ପ୍ରଶାସନ ସ୍ତରରେ କିଭଳି ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଅଧିକାରୀ ମାନଙ୍କ ନିଷ୍ପତ୍ତି ଉପରେ ରହିଛି । ଅନ୍ୟ ପକ୍ଷେ ମାନସିଂ କାର୍ଯ୍ୟରେ ଅବହେଳା ଲାଗି ପୂର୍ବରୁ ଥିବା ବିଦ୍ୟାଳୟରେ ନିଲମ୍ବିତ ହୋଇଥିଲେ ।

### ଝୁଲନ୍ତା ମୃତଦେହ ଉଦ୍ଧାର

କୋଡିଙ୍ଗା,୨୨।୯(ଡି.ଏନ.ଏ)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡିଙ୍ଗା ଥାନା ଅନ୍ତର୍ଗତ ଚିର୍ମା ଠାରୁ ଆସଙ୍ଗା ଯିବା ରାସ୍ତା ପାର୍ଶ୍ୱରେ ଥିବା କାଜୁ ବାଡ ଭିତରେ ଜଣେ ବ୍ୟକ୍ତିଙ୍କ ମୃତଦେହ ରବିବାର ଝୁଲୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକମାନେ ରବିବାର ସକାଳେ କାଜୁ ଜଙ୍ଗଲକୁ ଶୁଖିଲା କାଠ ସଂଗ୍ରହ କରିବା ପାଇଁ ଯାଇଥିଲେ। ଏହି ସମୟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଝୁଲୁଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ସରପଞ୍ଚ କୋଡିଙ୍ଗା ଥାନା ଅଧିକାରୀ ଦିଲୀପ କୁମାର ପ୍ରଧାନଙ୍କୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତେବେ ମୃତକଙ୍କ ପରିଚୟ ମିଳି ନାହିଁ। କୋଡିଙ୍ଗା ଥାନାରେ ନଂ ୧୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# କ୍ଷତ୍ରୀୟ ସମାଜର ନୂଆଖାଇ ଭେଟଘାଟ

ଉମରକୋଟ,୨୨।୯(ଡି.ଏନ.ଏ)

ଉମରକୋଟ ଭିତରଗଡ ସାହିଠାରେ କ୍ଷତ୍ରୀୟ ସମାଜ ତରଫରୁ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସହର ସମେତ ପଡାଗଡ, ନୂଆଗୁଡା, ଧୋଡ୍ରା, ଅଧିକାରୀଗୁଡା ଭଳି ଆଖପାଖ ଅଞ୍ଚଳର ସମସ୍ତ କ୍ଷତ୍ରୀୟ ସମାଜର ଲୋକମାନେ ଯୋଗ ଦେଇଥିଲେ। ଏହି ସମାଜର ସଭାପତି ସୁଦର୍ଶନ ପ୍ରଧାନୀ, ଉପସଭାପତି ନବୀନ ଚନ୍ଦ୍ର ଜେନା, ସମ୍ପାଦକ ଅକ୍ଷୟ କୁମାର ପୂଜାରୀ, କୋଷାଧକ୍ଷ ସୁରେଶ ବାଣୁଆ ଉପସ୍ଥିତ ଥିଲେ। କ୍ଷତ୍ରୀୟ ସମାଜର ଉନ୍ନତି ସହ ଏହି ବର୍ଗର ଯୁବକ, ଛାତ୍ରୀଛାତ୍ରମାନେ ଶିକ୍ଷା, ଆର୍ଥିକ କ୍ଷେତ୍ରରେ କିପରି ଆଗକୁ ବଢିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। କ୍ଷତ୍ରିୟ ସମାଜର ନାରୀମାନେ କିପରି ସବୁକ୍ଷେତ୍ରରେ ଅଗ୍ରସର ହୋଇ ଦେଶର ବିକାଶ କ୍ଷେତ୍ରରେ ଆଗକୁ ଆସିବେ ସେ ସମ୍ପର୍କରେ ସୁରେଶ ବୁଝାଇଥିଲେ। ଏହି ସମାଜର ବରିଷ୍ଠ ବ୍ୟକ୍ତି ଜଗବନ୍ଧୁ ପଡିଆରି, ବସନ୍ତ କୁମାର ଜେନା, ମଙ୍ଗଳା ମନ୍ଦିର ପୂଜାରୀ ଭୁବନ ପୂଜାରୀ, ପେଣ୍ଡ୍ରାଣୀ ମନ୍ଦିର ପୂଜାରୀ ସୂର୍ଯ୍ୟଚନ୍ଦ୍ର ପୂଜାରୀ, ଜଳନ୍ଧର ନାୟକ, ଗୌର ଚନ୍ଦ୍ର ନାୟକ, ଶଙ୍କର ଭବାନୀ ପଟ୍ଟନାୟକ, ରାମ ଚନ୍ଦ୍ର ପାତ୍ର, ଦିବାକର ରାଜୁ, ଧନାର ନାୟକ, କମଳ ଲୋଚନ ପାତ୍ର ଉପସ୍ଥିତ ରହି ସମାଜକୁ ଆଗକୁ ନେବା ନିମନ୍ତେ ନିଜର ମତାମତ ପୋଷଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ କ୍ଷତ୍ରୀୟ ସମାଜର ସଦସ୍ୟମାନେ।

# ପାସବୁକ ଖୋଲିପାରୁ ନାହାନ୍ତି ଛାତ୍ରୀ

ଚନ୍ଦାହାଣ୍ଡି,୨୨।୯(ଡି.ଏନ.ଏ)

ବିଭିନ୍ନ ଯୋଜନାର ଫାଇଦା ନେବା ଲାଗି ହିତାଧିକାରୀଙ୍କୁ ଆଧାର କାର୍ଡ ସଂଯୋଗୀକରଣ କରିବା ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାର ନିୟମ ଲାଗୁ କରିଛନ୍ତି। ଆଧାର କାର୍ଡ ଯାହାର ନାହିଁ କିମ୍ବା ହୋଇପାରୁନାହିଁ ସେ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି । ହାତପାପୁଲି ଓ ଅଙ୍ଗୁଳି ବାଧିତ ଦିବ୍ୟାଙ୍ଗଙ୍କ ଆଧାର କାର୍ଡ ହେବାରେ ସମସ୍ୟା ଦେଖାଦେଉଛି। ଆଧାର କାର୍ଡ ଥାଇ ମଧ ଫିଙ୍ଗର ପ୍ରିଣ୍ଟ ମେଶିନ ନେଉ ନ ଥିବାରୁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଖମେଶ୍ୱରୀ ହାଇସ୍କୁଲ ତେନ୍ତୁଳିପଡାର ନବମ ଶ୍ରେଣୀ ଛାତ୍ରୀ ସବିତା ଝରିଆ ବ୍ୟାଙ୍କରେ ପାସ ବୁକ ଖୋଲି ପାରୁ ନାହାନ୍ତି।

ଯୋଗେନ୍ଦ୍ର ଝରିଆଙ୍କ ଝିଅ ସବିତା ଦୁଇବର୍ଷ ତଳେ ଆଧାର କେନ୍ଦ୍ରକୁ ଯାଇ ଆଧାର କାର୍ଡ ପାଇଁ ଫଟୋ ଉଠାଇଥିଲେ। କିନ୍ତୁ ତାଙ୍କର ଆଧାର କାର୍ଡ ଆସି ନଥିଲା । ଆଧାର କାର୍ଡ ନ ଆସିବାରୁ କମନ ସର୍ଭିସ ସେଣ୍ଟରକୁ ଯାଇ ସେ ତାଙ୍କର ଆଧାର ନମ୍ବର ଦେଇ ଡୁପ୍ଲିକେଟ କାର୍ଡ ବାହାର କରିଥିଲେ । ସେ ନବମ ଶ୍ରେଣୀରେ ପାଠ ପଢୁଥିବାରୁ ସାଇକେଲ ଏବଂ ଷ୍ଟାଇପେଣ୍ଡ ଟଙ୍କା ପାସବୁକ ଦେଲେ ଜମା ହେବ ବୋଲି ପ୍ରଧାନଶିକ୍ଷକ କହିଥିଲେ। ସେଥିପାଇଁ ସେ ଚନ୍ଦାହାଣ୍ଡିସ୍ଥିତ ବ୍ୟାଙ୍କ ଅଫ ବରୋଦା ଏବଂ ଉତ୍କଳ ଗ୍ରାମ୍ୟବ୍ୟାଙ୍କକୁ ଖାତା ଖୋଲିବା ପାଇଁ ଯାଇଥିଲେ । ଛାତ୍ରୀଜଣକ ଦିବ୍ୟାଙ୍ଗ ହୋଇ ନଥିଲେ ମଧ ତାଙ୍କ ଦୁଇ ହାତର ଅଙ୍ଗୁଳି ଛାପ ମେଶିନ ଗ୍ରହଣ କରି ନଥିଲା । ଅଙ୍ଗୁଳି ଛାପ ମେଶିନ ଗ୍ରହଣ କରୁ ନଥିବାରୁ ତାଙ୍କ ଖାତା ଖୋଲାଯାଇପାରିବ ନାହିଁ ବୋଲି ବ୍ୟାଙ୍କ କର୍ମଚାରୀ କହି ଫେରାଇ ଦେଇଛନ୍ତି । ଛାତ୍ରୀଙ୍କ ଫିଙ୍ଗର ପ୍ରିଣ୍ଟ


ସବିତା ଝରିଆ

## ଆଧାର ବାଧକ

ହେଉ ନଥିବାରୁ ସେ ଏବେ ଖାତା ଖୋଲି ପାରୁ ନାହାନ୍ତି। ଫଳରେ ସରକାରଙ୍କ ସାଇକେଲ ଏବଂ ଷ୍ଟାଇପେଣ୍ଡ ପାଇବାରୁ ବଞ୍ଚିତ ହେବାର ସମ୍ଭାବନା ଥିବାରୁ ମନଦୁଃଖରେ ଅଛନ୍ତି। ମାଟ୍ରିକ ପରୀକ୍ଷା ସମୟରେ ମଧ ଆଧାର କାର୍ଡର ଆବଶ୍ୟକ ଥିବାବେଳେ ତାଙ୍କ ଫିଙ୍ଗର ପ୍ରିଣ୍ଟ ମ୍ୟାଚ କରୁ ନଥିବାରୁ ସେ ଏବେ କଣ କରିବେ କିଛି ବୁଝିପାରୁନାହାନ୍ତି। ପାସବୁକ ହୋଇପାରୁ ନଥିବାରୁ ଝିଅ ସବୁବେଳେ ମାନସିକ ଚିନ୍ତାରେ ରହୁଥିବା ଯୋଗେନ୍ଦ୍ର କହିଛନ୍ତି । ଚନ୍ଦାହାଣ୍ଡି ବ୍ଲକରେ ଆଧାର କେନ୍ଦ୍ର ମଧ ବନ୍ଦ ଥିବାରୁ ଉକ୍ତ ବିଭାଗ ସହ ଯୋଗାଯୋଗ ହୋଇପାରୁ ନାହିଁ। ତେଣୁ ବ୍ଲକ ଏବଂ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଛାତ୍ରୀଙ୍କ ପାସବୁକ ଖୋଲିବାରେ ପଦକ୍ଷେପ ଗ୍ରହଣ କରିବାକୁ ଛାତ୍ରୀଜଣକ ଅନୁରୋଧ କରିଛନ୍ତି ।

